## ସଂକ୍ଷେପରେ

### ଦେଶୀ ମଦ ଚାଲାଣ ବେଳେ ୩ ଗିରଫ

ଜୟପୁର,୧୬।୧୦ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀ ସୋମବାର ଚଢ଼ାଉକରି ଜଣେ ମହିଳାଙ୍କ ସହ ୩ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ବାଗ୍ରୀ ନିଳାଗୁଡା ଗ୍ରାମର ସୁନାମଣି ହରିଜନ, ମଙ୍ଗରାଜ ହରିଜନ ଓ ପେପର ମିଲ୍ ନିକଟରେ ରହୁଥିବା ରତନ ବାଘ। ଏମାନେ ମଦ ଚୋରାଚାଲାଣ କରୁଥିବା ସୂଚନା ପାଇ କର୍ମଚାରୀମାନେ ଚଢାଉ କରି ସେମାନଙ୍କୁ ଧରିଥିଲେ। ସେମାନଙ୍କଠାରୁ ୨୩ ଲିଟର ମଦ ଜବତ ହୋଇଛି। ଗିରଫ ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ଯୁବକଙ୍କ ଆତ୍ମହତ୍ୟା

ଜୟପୁର,୧୬।୧୦ (ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଏକ ଗଛରେ ଜଣେ ଯୁବକ ବେକରେ ଦଉଡ଼ି ବାନ୍ଧି ସୋମବାର ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଉଛନ୍ତି ପାରାବେଡ଼ାରେ ରହୁଥିବା ଡମ୍ବରୁ ପରଜା। ସେ ପୌରପାଳିକାରେ ସୁଇପର ଭାବେ କାର୍ଯ୍ୟ କରୁଥିଲେ। ଖବରପାଇ ଟାଉନ ପୋଲିସ ପହଞ୍ଚି ମୃତଦେହ ଜବତକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁହୋଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

### ଏଆଇଟିୟୁସିର ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକ

ଜୟପୁର,୧୬।୧୦: (ପବନ ପାଣିଗ୍ରାହୀ )

ଏଆଇଟିୟୁସିର ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକ ଜୟପୁରସ୍ଥିତ ବାବା ସାହେବ ଆମ୍ବେଦକର କଲ୍ୟାଣ ମଣ୍ଡପଠାରେ ୧୫ ଓ ୧୬ ୨ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି। ବୈଠକର ନିଷ୍ପତ୍ତି ସମ୍ପର୍କରେ ଏଆଇଟିୟୁସି ରାଜ୍ୟ ପରିଷଦ କର୍ମକର୍ତ୍ତାମାନେ ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶ୍ରମିକଙ୍କ ସମସ୍ୟା ସମାଧାନ ନ ହେଲେ ଶ୍ରମିକ ଆନ୍ଦୋଳନ କରାଯିବାକୁ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଓଡିଶାରେ କୃଷି ଓ ଶିଳ୍ପ ଶ୍ରମିକଙ୍କ ପାଇଁ ବହୁ ବର୍ଷ ଧରି ସର୍ବନିମ୍ନ ମଜୁରିକୁ ଗୁଜୁରାଣ ମେଣ୍ଟାଇବା ଭଳି ହାରରେ ସରକାର ବୃଦ୍ଧି କରୁ ନ ଥିବାରୁ ଓଡ଼ିଶାର କର୍ମକ୍ଷମ ମାନବ ସମ୍ବଳ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଚାଲିଯାଉଛନ୍ତି ବୋଲି ଏଆଇଟିୟୁସି ଅଭିଯୋଗ କରିଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ପ୍ରତ୍ୟେକ ଜବ କାର୍ଡଧାରୀଙ୍କୁ ବାର୍ଷିକ ୨୪୦ ଦିନର କର୍ମନିଯୁକ୍ତି ସୁନିଶ୍ଚିତ କରିବା, ଏହି ଯୋଜନାର ଦୈନିକ ୭ଶହ ଟଙ୍କା ସର୍ବନିମ୍ନ ମଜୁରି ଘୋଷଣା କରିବା, ମେଶିନ ଯୋଗେ କାମ କରାଇବା ବନ୍ଦ କରିବା, ପେନସନଧାରୀଙ୍କ ପାଇଁ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା, ସର୍ବନିମ୍ନ ୯ହଜାର ଟଙ୍କା ପେନସନ ଦେବା, ଭୂମିହୀନଙ୍କୁ ଭୂ-ସତ୍ୱାଧିକାର ପ୍ରଦାନ, ରାଜ୍ୟରେ ବନ୍ଦ କଳକାରଖାନାଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାଶ, ସାଧାରଣ ସମ୍ପାଦକ ବିଜୟ ଜେନା, ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ, ସମ୍ପାଦକ ଜୟନ୍ତ ଦାସ, ମାୟାଧର ନାୟକ, ହରପ୍ରିୟା ସାଇଁ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଯୁଧିଷ୍ଠିର ରାଉଳ, ସମ୍ପାଦକ ପ୍ରମୋଦ ମହାନ୍ତି, ଉତ୍ତମ ମଲ୍ଲିକ, ପ୍ରମୁଖ ଉପସ୍ଥିତ ଥିଲେ।

# ଦାଦନ ଖଟିବାକୁ ଯାଇ ଜୀବନ ଗଲା

■ ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମକରି ଠିକ୍ ରୂପେ ମିଳୁ ନ ଥିଲା ମଜୁରି
■ ରୋଜଗାରିଆ ପୁଅକୁ ହରାଇ ଭାଙ୍ଗିପଡ଼ିଛନ୍ତି ପରିବାର ଲୋକେ
■ ମୃତଦେହ ଗ୍ରାମକୁ ଆଣିବାରେ ସହାୟତା କଲେ ମାଲିକ

ପଟ୍ଟାଙ୍ଗି,୧୬।୧୦(ଶରତ ଧଳ)

କାମ କରି କିଛି ଟଙ୍କା ରୋଜଗାର କରି ପରିବାରର ଆର୍ଥିକ ସମସ୍ୟା ଦୂରକରିବା ଲକ୍ଷ୍ୟ ନେଇ ଆନ୍ଧ୍ରକୁ ଦାଦନ ଖଟିଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଏହି ଖବର ପାଇବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ବଡସାହିରେ ବସବାସ କରୁଥିବା ଲିଙ୍ଗାମା ଗେମେଲଙ୍କ ପରିବାର କ୍ଷେତ୍ରରେ। ଗୋଟିଏ ଝିଅ ଦୁଇ ପୁଅ ଓ ସ୍ତ୍ରୀଙ୍କୁ ନେଇ ଲିଙ୍ଗାମାଙ୍କ ପରିବାର। ପରିବାରରେ ପ୍ରାୟତଃ ଆର୍ଥିକ ସମସ୍ୟା ଲାଗି ରହିଥିଲା। ଏହାକୁ ଦୃଷ୍ଟିରେ ରଖି ବଡ଼ପୁଅ ଅଭି ଗେମେଲ ଗତ ୩ ମାସ ତଳେ ଗ୍ରାମର ଅନ୍ୟ ୪ଜଣ ଯୁବକଙ୍କ ସହ ମିଶି ଆନ୍ଧ୍ର ରାଜ୍ୟକୁ ଯାଇଥିଲେ। ରାଜମେହେନ୍ଦ୍ରିର ରାହୁଲପାଲାମ ଗ୍ରାମରେ ଥିବା ଚିଙ୍ଗୁଡି କାରଖାନାରେ ସମସ୍ତେ କାମ କରୁଥିଲେ। ଦିନକୁ ୪୩୩ ଟଙ୍କା ହିସାବରେ ଅଭି ମାସକୁ ୧୪ ହଜାର ଟଙ୍କା ରୋଜଗାର କରୁଥିଲେ। ନିଜ ପାଇଁ କିଛି ଟଙ୍କା ରଖି ଆଉ ବଳକା ଟଙ୍କା ସେ ଘରକୁ ପଠାଉଥିଲେ। ତେବେ ଗତ କିଛିଦିନ ହେଲା ଅଭିଙ୍କ ଦେହ ଖରାପ ରହୁଥିଲା। ସେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଭଲ ହୋଇଯାଇଥିଲେ। ଦେହ ଖରାପ ରହୁଥିବାରୁ ତାଙ୍କ ସାଙ୍ଗରେ ରହିଥିବା ମୁସୁରି ପାଙ୍ଗୀ ଅଭିଙ୍କୁ ଗ୍ରାମକୁ ଫେରିଯିବା ପାଇଁ କହିଥିଲେ। ମାତ୍ର ଅଭି ମୁସୁରିଙ୍କ କଥା ନ ରଖି ମୋର ଦେହ ବର୍ତ୍ତମାନ ଭଲ ଅଛି ବୋଲି କହି କାମ କରୁଥିଲେ। ଗତ ୩ ଦିନ ତଳେ ଅଭି ଅସୁସ୍ଥ ହୋଇ ପଡିବାରୁ ସେ କାମ କରୁଥିବା କମ୍ପାନୀର ମାଲିକ ଏବଂ ସାଥୀରେ ଯାଇଥିବା ଯୁବକମାନେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ଅଭିଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ କୋଟିଆ ପଞ୍ଚାୟତରୁ ୪ ଜଣ ସମ୍ପର୍କୀୟ ରାହୁଲପାଲାମ ଗ୍ରାମରେ ସୋମବାର ପହଞ୍ଚି ସମସ୍ତ ଘଟଣା ଜାଣିବା ପରେ ସେଠାରେ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଫେରୁଥିବା ଜଣାପଡ଼ିଛି । ଅଭି କାମ କରୁଥିବା ଚିଙ୍ଗୁଡି କମ୍ପାନୀର ମାଲିକ ଗ୍ରାମକୁ ମୃତଦେହ ନେବାପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରି ଅଭିଙ୍କ ସମ୍ପର୍କୀୟଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକ ଭାବେ କାମ କରି ଠିକ୍ ସମୟରେ ମଜୁରି ପାଉ ନ ଥିବାରୁ ଆମେ ଅଭିଙ୍କ ସହ ୪ଜଣ ଏଠାରେ କାମ କରିବାକୁ ଆସିଥିଲୁ। ଗ୍ରାମରେ କରୁଥିବା କାମ ବାବଦ ପ୍ରାପ୍ୟ ଠିକ୍ ରୂପେ ପାଇଥିଲେ ଆମେ ଆନ୍ଧ୍ରକୁ ଦାଦନ ଖଟି ଆସି ନ ଥାନ୍ତୁ କି ଆମର ଜଣେ ସାଙ୍ଗକୁ ହରାଇ ନ ଥାନ୍ତୁ ବୋଲି କହିଛନ୍ତି ମୁସୁରି ।

# ଜିଲାର ସମସ୍ୟା ସମାଧାନ ଉପରେ ଗୁରୁତ୍ୱ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଜୟପୁର,୧୬।୧୦ (ପବନ ପାଣିଗ୍ରାହୀ)

**ମାନବ ଅଧିକାର ସୁରକ୍ଷା କାଉନସିଲ ବୈଠକ**

କୋରାପୁଟ ଜିଲାର ଜୟପୁରରେ ଏକ ହୋଟେଲରେ ଅନ୍ତର୍ଜାତୀୟ ମାନବ ଅଧିକାର ସୁରକ୍ଷା କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ସମସ୍ୟା ନେଇ ନଳିନୀ ରଥଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ବିଭିନ୍ନ ମାନବ ଅଧିକାର କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ରୂପେ ଅନ୍ତର୍ଜାତୀୟ ମାନବ ଅଧିକାର ସୁରକ୍ଷା କାଉନସିଲର ଅଧ୍ୟକ୍ଷ ଡ. ଆଲୋକ ବୋଷ, ସାଉଥ ବିଭାଗର ସଭାପତି ଅସିତ ପଣ୍ଡା ଯୋଗଦେଇଥିଲେ। ଅଧ୍ୟକ୍ଷ ବୋଷ କହିଥିଲେ, ଆମେମାନେ ଯଦି ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ତେବେ କୋରାପୁଟ ଜିଲାକୁ ଏକ ଦୁର୍ନୀତିମୁକ୍ତ ଜିଲା ରୂପେ ପ୍ରତିଷ୍ଠା କରିପାରିବା। ଶିକ୍ଷା, ସ୍ୱାସ୍ଥ୍ୟ, ଦୁର୍ନୀତି, ଘରୋଇ ହିଂସା, ବୃଦ୍ଧ ଲୋକଙ୍କ ସୁରକ୍ଷା ଉପରେ ଅତିଥିମାନେ ଆଲୋକପାତ କରି ବିଭିନ୍ନ ପରାମର୍ଶ ଦେଇଥିଲେ। ଉପସ୍ଥିତ ମାନବ ଅଧିକାର କର୍ମୀମାନେ କୋରାପୁଟ ଜିଲାରେ ପ୍ରତ୍ୟେକ ବ୍ଲକରେ ହେଉଥବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଯୁବ ସଭାନେତ୍ରୀ ଗାଙ୍ଗା ମୈତ୍ରୀ, ଉପ ସଭାନେତ୍ରୀ ସୁନ୍ଦରୀ କଣ୍ଡପନ, ମାନସ ସାହୁ, ପ୍ରଶାନ୍ତ କର, ଜ୍ୟୋତି ରଞ୍ଜନ ମହାପାତ୍ର, ମାନସ ରଞ୍ଜନ ସାହୁ, ସିଦ୍ଧାର୍ଥ ତ୍ରିପାଠୀ, ଅନିଲ ଦାଦକା, ମୋମାସ ସାହୁ, ଅମିତ କୁଆନିର ପ୍ରମୁଖ ଉପସ୍ଥିତ ଥିଲେ।

# ମ୍ୟୁନିସିପାଲିଟିର ଉଠାଦୋକାନୀଙ୍କୁ ହାଟପିଣ୍ଡିକୁ ସ୍ଥାନାନ୍ତର



ହାଟପିଣ୍ଡିକୁ ସ୍ଥାନାନ୍ତର ହୋଇଥିବା ବ୍ୟବସାୟୀ ।

କୋରାପୁଟ, ୧୬।୧୦
(ଅମିତାଭ ବେହେରା)

**ନ ମାନିଲେ କାର୍ଯ୍ୟାନୁଷ୍ଠାନ**

କୋରାପୁଟ ମ୍ୟୁନିସିପାଲିଟି ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଥିବା ଉଠାଦୋକାନୀଙ୍କୁ ଚନ୍ଦନପୋଖରୀ ନିକଟରେ ଥିବା ନୂତନ ହାଟପିଣ୍ଡିକୁ ଇତିମଧ୍ୟରେ ସ୍ଥାନାନ୍ତର କରାଯାଇଛି । ଏଥିରେ ସହଯୋଗ ନ କଲେ ବ୍ୟବସାୟୀ ଓ ଉଠାଦୋକାନୀଗୁଡିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଜରିମାନା ଆଦାୟ କରାଯିବ ବୋଲି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର କହିଛନ୍ତି। ପୌର ପ୍ରଶାସନର ଏପରି ପଦକ୍ଷେପକୁ ସହରବାସୀ ସ୍ୱାଗତ କରିଛନ୍ତି। ରାସ୍ତାକଡ଼ରେ ବସି ବ୍ୟବସାୟ କରୁଥିବାରୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସେହିପରି ବ୍ୟବସାୟୀମାନେ ସହରର ଅମଲାକୁଟିର ରୋଡ୍, ବସ୍‌ଷ୍ଟାଣ୍ଡ ଅଞ୍ଚଳ, ସିଟିକ୍ୟାଫ୍ ଛକ, ପୋଷ୍ଟ ଅଫିସ ରୋଡ୍‌ରେ ବେଆଇନଭାବେ ରାସ୍ତା ପାର୍ଶ୍ୱରେ ବସି ବ୍ୟବସାୟ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରି ଆସୁଛନ୍ତି। ସେମାନଙ୍କ ବିରୋଧରେ ମଧ୍ୟ ପୌର ପ୍ରଶାସନ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ନେବାକୁ ସହରର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ରବିବାର ସ୍ଥାନାନ୍ତର ହୋଇଥିବା ଉଠା ଦୋକାନୀମାନେ ନୂତନ ହାଟରେ ଠିକ୍ ଭାବେ ବ୍ୟବସାୟ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଏଠିକୁ ଲୋକ ଆସୁ ନ ଥିବାରୁ ବ୍ୟବସାୟ ହେଉ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଯେ ପୂର୍ବରୁ ଅନେକ ଥର ପୌର ପ୍ରଶାସନ ପକ୍ଷରୁ ବ୍ୟବସାୟୀମାନଙ୍କୁ ହାଟପିଣ୍ଡିକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେମାନେ ହାଟ ଛାଡି ରାସ୍ତା ଉପରେ ବସି ବ୍ୟବସାୟ କରୁଥିଲେ।

# ଟ୍ରାନ୍ସଫର୍ମର ପୋଡ଼ି ମାସେ ହେଲା ଅନ୍ଧାରରେ ମାରିପୁଟ

ନନ୍ଦପୁର, ୧୬।୧୦ ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ସୀମାନ୍ତ ପାଛଲୁଙ୍ଗ ପଞ୍ଚାୟତର ମାରିପୁଟ ଗ୍ରାମର ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି ମାସାଧିକ କାଳ ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ଏନେଇ ଗ୍ରାମବାସୀ ନନ୍ଦପୁର ବ୍ଲକ ଟିପି ଏସ୍‌ଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଭେଟି ଓ ଟାଟା ପାୱାରର ହେଲ୍ପଲାଇନ ୧୯୧୨ ନମ୍ବରରେ ଅଭିଯୋଗ ପଞ୍ଜୀକୃତ କରିଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଡୁଆ ଅଞ୍ଚଳ ପାଇଁ ନିଯୁକ୍ତ ଲାଇନମ୍ୟାନ ବଶିଷ୍ଠ ସେଠୀ ଲୋକଙ୍କ ଅଭିଯୋଗ ଓ ମାରିପୁଟ ଗ୍ରାମ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି ସମ୍ପର୍କରେ ନନ୍ଦପୁର ଟିପି ଏସ୍‌ଓଡିଏଲ୍ ଯନ୍ତ୍ରୀ, ସୁନାବେଡ଼ା ସହକାରୀ ଯନ୍ତ୍ରୀ ଓ କୋରାପୁଟ ଡିଭିଜନ କାର୍ଯ୍ୟାଳୟକୁ ଅବଗତ କରିଥିବା କହିଛନ୍ତି। ବିଭାଗ ତରଫରୁ ନୂତନ ଟ୍ରାନ୍ସଫର୍ମର ପ୍ରଦାନ କରାଗଲେ ସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଯନ୍ତ୍ରୀ ବିକାଶ ଚୌଧୁରୀ ଓ ସହକାରୀ ଯନ୍ତ୍ରୀ ବିଶିକେସନ ପ୍ରଧାନଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଫୋନ ଉଠାଉ ନ ଥିବାରୁ ଉଭୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଶାନ୍ତି ଶୃଙ୍ଖଳାରେ ଦଶହରା ପାଳନ ନେଇ ପୋଲିସର ଗୁରୁତ୍ୱ

ନନ୍ଦପୁର, ୧୬।୧୦(ଶଙ୍କର ପୂଜାରୀ)

ଦଶହରା ପର୍ବକୁ ଆଡମ୍ବର ଓ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ନନ୍ଦପୁର ପୋଲିସ ଗୁରୁତ୍ୱାରୋପ କରିଛି। ଏଥିପାଇଁ ପୋଲିସ ପକ୍ଷରୁ ପୂଜା କମିଟି ସଦସ୍ୟ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଏସ୍‌ଡିପିଓ ସଞ୍ଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ନନ୍ଦପୁର ବତ୍ରିସ ସିଂହାସନ ଦୁର୍ଗାପୂଜା କମିଟି ସଭାପତି ତୁଷାରକାନ୍ତ ମହାନ୍ତି, ସଦସ୍ୟ ଉଗେନ୍ଦ୍ର ଚୌଧୁରୀ, ରବୀନ୍ଦ୍ର ଚୌଧୁରୀ, ବିଶିକେଶନ ବେହେରା, ଲୋକନାଥ ଚୌଧୁରୀ, କର୍ତ୍ତା ଲିଙ୍ଗରାଜ ଚୌଧୁରୀ, ରମେଶ ଚୌଧୁରୀ ଓ ମା' ଜଗତ ଜନନୀ ପୂଜା କମିଟି ସଭାପତି ଲାଲ ବାହାଦୁର ଗୁଣ୍ଟା, ସମ୍ପାଦକ ଜୟସନ ଗୁଣ୍ଟା, କୋଷାଧ୍ୟକ୍ଷ ସୋମନାଥ ଖିଲ, କମୁ ପାଙ୍ଗିଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଉପସ୍ଥିତ ବୁଦ୍ଧିଜୀବୀ ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗୀ, ବଣିକ ସଂଘ କର୍ମକର୍ତ୍ତା ପୂର୍ଣ୍ଣ ସମାର୍ଡି, ମୁନା ଦଳପତି, ପ୍ରଭାତ ଗୁରୁମାଇଁ, ସୁନିଲ ସାହୁ ପ୍ରମୁଖ ଦଶହରା ପର୍ବ ଶାନ୍ତି ଶୃଙ୍ଖଳା ରଖି ଭାଇଚାରା ଭାବନାରେ ପାଳନ କରିବାକୁ ମତ ଦେଇଥିଲେ। ନନ୍ଦପୁର ଦଶହରା ପାଇଁ ୨ଟି ମଣ୍ଡପ ସଜ୍ଜିତ ହୋଇଛି। ଦୁଇ ମଣ୍ଡପରେ ପୂଜା କମିଟି ନିଷ୍ଠାର ସହ ପୂଜା ବିଧି କରିବା ସହ ଶାନ୍ତି ଶୃଙ୍ଖଳାର ସହ ମନୋରଞ୍ଜନ କାର୍ଯ୍ୟକ୍ରମ ପରିଚାଳନା କରିବାକୁ କହିଥିଲେ। ଦଶହରା ସମୟରେ ସହରରେ ପ୍ରବଳ ଜନସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ଧ୍ୟାନ ଦେବାକୁ ଉଭୟ ପୂଜାକମିଟି ସଦସ୍ୟ ଓ ପୋଲିସ କର୍ତ୍ତୃପକ୍ଷ ସଜାଗ ରହିବାକୁ ବୁଦ୍ଧିଜୀବୀମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥିବା **ଅନୁମାନ** ମୁସଲିମ କମ୍ୟୁନିଟି ପକ୍ଷରୁ ସଭାପତି ଏସ୍‌କେ ହୁସେନ, ଏସ୍‌କେ ନୁର, ଏସ୍‌କେ ଦାଉଦ ପ୍ରମୁଖ ଯୋଗ ଦେଇଥିଲେ। ଥାନାଧିକାରୀ ଆଶ୍ରିତା ଖାଲକୋ, ଏସ୍‌ଆଇ ଦୀପ୍ତିମୟୀ ଧାରୁଆ, ଏଏସ୍‌ଆଇ ଲୋକେଶ ରାଓ, ଏଏସ୍‌ଆଇ ଆରଏନ ଭୋକ୍ତା ବୈଠକ ପରିଚାଳନା କରିଥିଲେ।

# ସାହିତ୍ୟ ବଞ୍ଚିଲେ ଭାଷା ବଞ୍ଚିବ



ଅତିଥିମାନେ ସଂସଦର ପତ୍ରିକା ଉନ୍ମୋଚନ କରୁଛନ୍ତି।

ଜୟପୁର,୧୬।୧୦ (ପବନ ପାଣିଗ୍ରାହୀ)

**ଛିଣ୍ଡାନଇ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ**

ଛିଣ୍ଡାନଇ ସାହିତ୍ୟ ସଂସଦ କଟକ ଓ ଜୟପୁର ଶାଖାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲ୍ ସଭାକକ୍ଷରେ ଅନୁଷ୍ଠାନର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଆମ ସାହିତ୍ୟ କେତେ ସୁନ୍ଦର' ଶୀର୍ଷକ ଉପରେ ଆଲୋଚନାଚକ୍ର, କବି ସମ୍ମିଳନୀ ଓ ସଂସଦର ଶାରଦୀୟ ମୁଖପତ୍ର 'ଶୁଭ୍ରାଶ୍ରୀ' ପତ୍ରିକାକୁ ଲୋକାର୍ପଣ କରାଯାଇଥିଲା। ସଂସଦ ସଭାପତି ମନମୋହନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ପ୍ରଫେସର ଡ. ଦେବୀପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଭବାନୀ ଶଙ୍କର ଦାଶ, ସମ୍ମାନିତ ବକ୍ତା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ଡ. ବୈରାଗୀ ଚରଣ ପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷା ସଙ୍କଟ ଦେଇ ଗତି କରୁଥିବାରୁ ସାହିତ୍ୟିକମାନେ ଅଧିକରୁ ଅଧିକ କବିତା, ଗଳ୍ପ, ପ୍ରବନ୍ଧ ଆଦି ଲେଖିବା ସହ ଯୁବପିଢ଼ିଙ୍କୁ ସାହିତ୍ୟ ଅନୁରାଗୀ ହେବାକୁ ପରାମର୍ଶ ଦେଇଥିଲେ। ସାହିତ୍ୟ ବଞ୍ଚିଲେ ଭାଷା ବଞ୍ଚିବ ବୋଲି ଅତିଥିମାନେ କହିଥିଲେ। ସମ୍ପାଦକ ଯୁଧିଷ୍ଠିର ମଲ୍ଲିକ ବିବରଣୀ ପାଠ କରିଥିଲେ। ପ୍ରାବନ୍ଧିକ ସୁଧାଂଶୁ ଶେଖର ପଟ୍ଟନାୟକ ଅତିଥି ସ୍ୱାଗତ ଦେଇଥିଲେ। ହର୍ଷିତା ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। କୃଷଚନ୍ଦ୍ର ହୋତା ଉଭୟ ଅଧିବେଶନର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। କବିତା ପାଠୋତ୍ସବରେ ପ୍ରକାଶ ମହାନନ୍ଦିଆ ଅଧ୍ୟକ୍ଷତା କରିଥିଲେ। କବିତାଗୁଡିକୁ କବୟିତ୍ରୀ କବିତା ସାହୁ ଓ ସବିତା ଶତପଥୀ ସଂଯୋଜନା କରିଥିଲେ। ଅଧ୍ୟାପକ ଆଲୋକ ମହାରଣା ଧନ୍ୟବାଦ ଦେଇଥିଲେ।

# ରୋଟାରି କ୍ଲବ ଅଫ୍ ଜୟପୁର ପ୍ଲାଇଡ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଜୟପୁର,୧୬।୧୦ (ପବନ ପାଣିଗ୍ରାହୀ)



ଶିବିରରେ ଲୋକମାନେ ସ୍ୱାସ୍ଥ୍ୟପରୀକ୍ଷା କରୁଛନ୍ତି।

ରୋଟାରି କ୍ଲବ ଅଫ୍ ଜୟପୁର ପ୍ଲାଇଡ୍ ଆନୁକୂଲ୍ୟରେ ବାଲିଆଠାରେ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ରକ୍ତଚାପ, ମଧୁମେହ, ହିମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା। ଡାକ୍ତର ନମ୍ରତା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶିବିରରେ ୧୨୦ ଜଣ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରିଥିଲେ। ଡାକ୍ତର ଏସ୍‌କେ ମହମ୍ମଦ ହୁସେନ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଟାରି କ୍ଲବ ଅଫ୍ ଜୟପୁର ପ୍ରାଇଡ୍‌ର ସଭାପତି ଅଶୋକ ମିଶ୍ର, ସମ୍ପାଦକ ସୁରେଶ ପାଣିଗ୍ରାହୀ, ଜି. ଭି ରାଓ, ନରେଶ ମହାକୁଡ, ରବି ନାରାୟଣ ନନ୍ଦ, ରତ୍ନାକର ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କେ. ବ୍ରହ୍ମା, କ୍ଷିତିମ ଚନ୍ଦ୍ର ଦାସ, ସଞ୍ଜୀବ ମିଶ୍ର, ପ୍ରଦୀପ ସାହୁ, ମୁରଲୀଧର ସାବତ, ସ୍ୱାତୀ ହୋତା, ସରପଞ୍ଚ ସରସ୍ୱରୀ ମାଝି, ସମିତିସଭ୍ୟ ମକର ଧ୍ୱଜ ହରିଜନ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରଥିଲେ। ଆଗାମୀ ଦିନରେ ମଧ ପ୍ରତ୍ୟେକ ଗ୍ରାମାଞ୍ଚଳରେ ଏପରି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯିବ ବୋଲି ସଭାପତି ଅଶୋକ ମଶ୍ର, ସମ୍ପାଦକ ସୁରେଶ ପାଣିଗ୍ରାହୀ କହିଛନ୍ତି ।

# ବାଲ୍ୟବିବାହ ରୋକିବା ନେଇ ସଚେତନତା ଅଭିଯାନ

କୋରାପୁଟ,୧୬।୧୦
(ଅମିତାଭ ବେହେରା )

କୋରାପୁଟର ଶୋଭା ସଙ୍ଗଠନ ପକ୍ଷରୁ ବାଲ୍ୟବିବାହ ରୋକିବା ନେଇ ସଚେତନତା ଅଭିଯାନ ସୋମବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାପୁଟ ଜିଲାର ୮୨ ଗ୍ରାମର ୪ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବାଲ୍ୟ ବିବାହକୁ ପ୍ରୋତ୍ସାହନ ନ ଦେବା ସକାଶେ ଶପଥ ପାଠ କରିଥିଲେ। ଏଥିସହ ସନ୍ଧ୍ୟାରେ ଗ୍ରାମରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରି ସଚେତନ କରିଥିଲେ। ଗ୍ରାମ ସ୍କୁଲରେ ଶିଶୁମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ ଶିକ୍ଷକ, ପଞ୍ଚାୟତ ଜନପ୍ରତିନିଧି, ଗ୍ରାମ ମୁଖିଆ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଏହି ସଙ୍ଗଠନ କୋରାପୁଟ ଓ ନବରଙ୍ଗପୁର ଜିଲାରେ ବିଭିନ୍ନ ସମୟରେ ଉନ୍ନତିମୂଳକ କାର୍ଯ୍ୟକ୍ରମ ସହ ଶିଶୁଙ୍କ ସୁରକ୍ଷା, ବାଲ୍ୟ ବିବାହ ରୋକିବା ନେଇ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛି।



ବାଲ୍ୟବିବାହ ରୋକିବା ନେଇ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

# ଦେବୀପୀଠ,ସେବାୟତଙ୍କୁ ଜୟପୁର ରାଜାଘର ନିମନ୍ତ୍ରଣ

ନନ୍ଦପୁର, ୧୬।୧୦(ଶଙ୍କର ପୂଜାରୀ)

ଜୟପୁର ରାଜବାଟିକାରୁ ନନ୍ଦପୁରର ସମସ୍ତ ଦେବୀପୀଠ ଓ ସେବାୟତଙ୍କୁ ରାଜାଘର ଦଶହରା ପର୍ବ ପାଳନରେ ସାମିଲ ହେବାକୁ ସୋମବାର ନିମନ୍ତ୍ରଣ ଆସିଛି। ରାଜାଘର ନିମନ୍ତ୍ରଣ ପତ୍ର ଧରି ରାଜାଙ୍କ କଙ୍ଗାରମୁଠା ଦେବସ୍ଥାନ ନାୟକ ମଧୁସୂଦନ ନାୟକ, ସଲପା ଭୈରବ ପୂଜକ କମୁଲୁ ପୂଜାରୀ, ଜୟପୁର ଦେବୋତ୍ତର ବିଭାଗର ଶୁଭମ ମିଶ୍ର, ବଗେଇପଦର ଭୈରବୀ ପେଣ୍ଡ୍ରାଣୀ ଓ ଗାଙ୍ଗମା ପୂଜାରୀ ମଦନ ପୂଖାରୀ ପ୍ରମୁଖ ନନ୍ଦପୁର ଆସି ରାଜାଙ୍କ ପ୍ରତିଷ୍ଠିତ ସମସ୍ତ ଦେବୀପୀଠ ବତ୍ରିଶ ସିଂହାସନ, ଭୈରବ ପୀଠ, ଭଣ୍ଡାର ଘରଣୀ, ଦୁଆରଶୁଣୀ ପୀଠରେ ପୂଜାର୍ଚ୍ଚନା କରି ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଉପସ୍ଥିତ ମନ୍ଦିର ପୂଜକ ଓ ସେବାୟତମାନଙ୍କୁ ରାଜାଦେଶ ଦେଇ ଜୟପୁର ଦଶହରା ପୂଜାର କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଇଥିଲେ। ପୀଠ ଓ ହୁଣ୍ଡିର ପ୍ରତୀକ ସରୂପ ଲାଠି, ଖଣ୍ଡା, କାତି ଆଦି ଧରି ଦଶହରା ପୂଜା ବିଧିରେ ସାମିଲ ହେବାକୁ କହିଥିଲେ। ନିମନ୍ତ୍ରଣପତ୍ର ନନ୍ଦପୁରରେ ରାଜାଙ୍କ ନିଯୁକ୍ତ ଦଳପତି ପରିବାରର ଭୁବନେଶ୍ୱର ଦଳପତି, ପାଲି ପରିବାରର ଗୋବର୍ଦ୍ଧନ ପାଲି, ବାଟଘରିଆ ପରିବାରର ରାମଚନ୍ଦ୍ର ବାଟଘାରିଆ, ବତ୍ରିଶ ସିଂହାସନ କଣ୍ଡୁନି ଦେବୀ ପୂଜକ ତ୍ରିନାଥ ଡିଆରି, ରବି ଖରା, ୩ ଭୈରବ ମନ୍ଦିର ପୂଜକ, ଠାକୁରାଣୀ ମା ମନ୍ଦିର ପୂଜକ ଗ୍ରହଣ କରିଥିଲେ। ରାଜାଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ସେବାୟତ ନିଜ ନିଜ ପୀଠର ପ୍ରତୀକ ଧରି ଜୟପୁର ଦଶହରାରେ ସାମିଲ ହେବେ ବୋଲି କହିଛନ୍ତି।



ରାଜାଘର ଦଶହରା ପର୍ବ ପାଳନରେ ସାମିଲହେବାକୁ ଆସିଥିବା ନିମନ୍ତ୍ରଣକୁ ପୂଜକ ଓ ସେବାୟତମାନେ ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ମୁନିଗୁଡ଼ା, ୧୬।୧୦(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ଭୈରବଗଡ଼ ରାସ୍ତା ନିକଟରେ ନିଜ ଘର ପାଖରେ ଜଣେ ମହିଳା ଛିଡା ହୋଇଥିବାବେଳେ ବାଇକ୍‌ରେ ୨ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନାଚେନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍ ହୋଇଥିବା ସୁନା ଚେନ୍ ର ଓଜନ ଦୁଇ ତୋଳା ବୋଲି ସମ୍ପୃକ୍ତ ମହିଳାଜଣକ କହିଛନ୍ତି। ଲୁଟେରାଙ୍କ ମଧ୍ୟରେ ଜଣେ ମାସ୍କ ପିନ୍ଧି ଥିବାବେଳେ ଅନ୍ୟ ଜଣେ ହେଲମେଟ୍ ପିନ୍ଧିଥିବା ମହିଳା ଜଣକ ସୂଚନା ଦେଇଛନ୍ତି। ତେବେ ଏନେଇ ମହିଳା ଥାନାରେ କୌଣସି ଲିଖିତ ଅଭିଯୋଗ କରି ନ ଥିବା ଜଣାପଡ଼ିଛି।

### ବାଇକ୍ ଦୁର୍ଘଟଣା, ୩ ଆହତ

ଦଶମନ୍ତପୁର,୧୬।୧୦(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତର ଘାଟି ବୁଲାଣି ରାସ୍ତାରେ ସୋମବାର ଏକ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଜଣାପଡିଛି। ଏଥିରେ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଫଟକିଜାମ ଗ୍ରାମର ଘାସିରାମ ବାଘ (୩୫), ଡକାମରା ଗ୍ରାମର ପ୍ରଶାନ୍ତ ବାଘ (୨୫) ଓ ଚିତ୍ର ବିଶୋୟୀ। ଘାସିରାମଙ୍କ ଅବସ୍ଥା ଗୁରୁତର ରହିଛି।

## ସରିଲା ନୂଆଁଖାଇ

# ବାହାର ରାଜ୍ୟକୁ ଛୁଟୁଛି ଦାଦନଙ୍କ ସୁଅ

- ଦାଦନ ଶ୍ରମିକ ଚାଲାଣ ହବ୍ ପାଲଟିଛି ରାୟଗଡ଼ା
- ଶ୍ରମିକ ଦଲାଲ ସକ୍ରିୟ
- ଶ୍ରମ ବିଭାଗର ନିଘା ନାହିଁ

ରାୟଗଡ଼ା,୧୬।୧୦ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ୩ ହଜାରରୁ ଉର୍ଦ୍ଧ୍ୱ କ୍ଷୁଦ୍ର, ମଧ୍ୟମ ଓ ବୃହତ ଶିଳ୍ପ ରହିଛି । ହେଲେ କାମଧନ୍ଦା ଅଭାବ ଯୋଗୁ ପ୍ରତିଦିନ ଶତାଧିକ ଶ୍ରମିକ ଟ୍ରେନ୍ ଓ ବସ୍ ଯୋଗେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଜିଲାରେ ଶ୍ରମିକ ଦଲାଲ ସକ୍ରିୟ ହୋଇଥିବାବେଳେ ଦାଦନ ଶ୍ରମିକ ଚାଲାଣ ହବ୍ ପାଲଟିଛି ରାୟଗଡ଼ା ଜିଲା । ତେବେ ଦାଦନ ଖଟିବାକୁ ଯାଇ ଅନେକ ଶ୍ରମିକ ନିଖୋଜ ହେଉଥିବା ବେଳେ ଆଉ କେତେକଙ୍କ ମୃତ୍ୟୁ ମଧ୍ୟ ଘଟୁଛି। ଏପରି କି ଶ୍ରମିକଙ୍କ ମୃତଦେହ ମଧ୍ୟ ଭିଟାମାଟିରେ ପହଞ୍ଚି ପାରୁନାହିଁ। ହେଲେ ଏଥିପ୍ରତି ଶ୍ରମ ବିଭାଗର ନିଘା ନ ଥିବା ଅଭିଯୋଗ ହେଉଛି। ଜିଲାର କେତେ ଶ୍ରମିକ ରାଜ୍ୟ ବାହାରକୁ ଯାଉଛନ୍ତି ତାହାର ତଥ୍ୟ ଜିଲା ଶ୍ରମ ବିଭାଗ ନିକଟରେ ନାହିଁ। କେବଳ ନାମକୁମାତ୍ର ଏହି ବିଭାଗ ଚାଲୁଥିବା ଅଭିଯୋଗ ହୋଇଛି । ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନେ ପଞ୍ଜୀକରଣ କରିବା ପାଇଁ ପଞ୍ଚାୟତଗୁଡ଼ିକୁ ଦାୟିତ୍ୱ ଦିଆଯାଇଥିବାବେଳେ ଏହା ନାମକୁମାତ୍ର ଚାଲିଥିବା ଅଭିଯୋଗ ହୋଇଛି। ତେଣୁ ଏହାର ସ୍ଥାୟୀ ପ୍ରତିକାର ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ନେଇ ଶ୍ରମ ବିଭାଗ ଉପ ଆୟୁକ୍ତ ପ୍ରସନ୍ନ ପାଣିଗ୍ରାହୀଙ୍କୁ ପଚାରିବାରୁ ଦାଦନଙ୍କ ପଞ୍ଜୀକରଣ ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଦଲାଲମାନେ ବେଆଇନ ଭାବେ ଶ୍ରମିକ ଚାଲାଣ କରୁଥିବା ଅଭିଯୋଗ ହେଲେ କିମ୍ବା ଧରାପଡ଼ିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତେବେ ଯଦି କୌଣସି ଶ୍ରମିକ ନିଜ ଇଚ୍ଛାରେ ଦାଦନ ଖଟିବାକୁ ଯିବାକୁ ଚାହିଁଲେ ରୋକିବା ପାଇଁ ଶ୍ରମ ବିଭାଗ ହସ୍ତକ୍ଷେପ କରିପାରିବ ନାହିଁ । ଯଦି ଜିଲାରେ ଉପଯୁକ୍ତ ପରିମାଣରେ କାମ ଓ ମଜୁରି ମିଳିବ ତେବେ ଶ୍ରମିକ କାହିଁକି ଦାଦନ ଖଟିବାକୁ ଯିବେ ବୋଲି ଶ୍ରମିକମାନେ ପ୍ରଶ୍ନ କରିଛନ୍ତି।

ଅନୁସନ୍ଧାନରୁ ଜଣାପଡ଼ିଛି, ଜିଲାର ୧୧ଟି ବ୍ଲକ ମଧ୍ୟରୁ କାଶୀପୁର, ଚନ୍ଦ୍ରପୁର, ଗୁଡ଼ାରୀ ଓ କଲ୍ୟାଣସିଂହପୁରରୁ ସର୍ବାଧିକ ଶ୍ରମିକ ଚାଲାଣ ହେଉଛନ୍ତି। ମହାଳୟା ଅମାବାସ୍ୟା ଦିନ ଘରେ ନୂଆଁଖାଇ ଶେଷ ହେବା ପରେ ଅନ୍ୟ ରାଜ୍ୟକୁ ଦାଦନଙ୍କ ସୁଅ ଛୁଟିଛି। ଦଲାଲମାନେ ପ୍ରତିଦିନ ନାବାଳିକା ନାବାଳକଙ୍କ ସମେତ ଶହ ଶହ ଶ୍ରମିକ ଚାଲାଣ କରୁଛନ୍ତି । ଗତ ୨ ଦିନ ହେଲା ରାୟଗଡ଼ା ରେଳ ଷ୍ଟେଶନ ଓ ବସଷ୍ଟାଣ୍ଡରେ ଶ୍ରମିକଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ଗାଁରୁ ସେମାନେ ରାୟଗଡ଼ା ଆସି ବସ୍ ଓ ଟ୍ରେନ ଯୋଗେ ଆନ୍ଧ୍ରପ୍ରଦେଶ ବିଜୟନଗରମ ଓ ବିଶାଖାପାଟଣାଠାରୁ ବିଜୟୱାଡ଼ା ଯାଇ ସେଠାରୁ ବିଭିନ୍ନ ସହରକୁ ଯାଉଥିବା ସୂଚନା ମିଳିଛି । ସେହିପରି ଜିଲାର ଶ୍ରମିକମାନେ କେରଳ ରାଜ୍ୟର ଥିରୁଭାନନ୍ତପୁରମ୍, ତ୍ରିଶୂର, କୋଚି, ପୋନାନି, ଚାଲାକୁଡ଼ି, ଆଲଫୁଜାକୁ ଯାଇ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ସେଭଳି ଇଟାଭାଟି ଓ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ କାରଖାନାରେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସୋମବାର କାଶୀପୁର ବ୍ଲକ ରାଉତଘାଟି ଓ ସୁରୁଗୁଞ୍ଜା ଗାଁର ୧୧ ଶ୍ରମିକ ସପରିବାର କେରଳ ରାଜ୍ୟର ଚାଲାକୁଡ଼ି ସହରକୁ ଯାଇଛନ୍ତି । ଏହି ଶ୍ରମିକମାନେ ହେଲେ ମନ୍ମଥ ମାଝୀ, ଦଣ୍ଡାସି ମାଝି, ପୀତାମ୍ବର ମାଝି, ମୋହନ ମାଝି, ସୁବର୍ଣ୍ଣ ଖୋଡ଼ିଆ, ନିରଞ୍ଜନ ମାଝୀ, ରାମଚନ୍ଦ୍ର ମାଝି, ପୀତାମ୍ବର ମୁଦୁଲି, ଦିବାକର ମାଝି ଓ କରୁଣା ନାଏକ । ନିଜ ଅଞ୍ଚଳରେ କାମଧନ୍ଦା ମିଳୁ ନ ଥିବାରୁ ବାଧ୍ୟ ହୋଇ ସେମାନେ ଘର ଛାଡି ରାଜ୍ୟ ବାହାରକୁ ଯାଉଥିବା କହିଛନ୍ତି। ସେହିପରି ସୋମବାର ଗୋଟିଏ ଦିନରେ ୫୦ରୁ ଅଧିକ ଶ୍ରମିକ ପରିବାର ରେଳ ଦ୍ୱାରା ଅନ୍ୟ ସ୍ଥାନକୁ ଯିବା ପାଇଁ ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି । କାଶୀପୁର ବ୍ଲକର ସିନ୍ଦୂରଘାଟି, କଣ୍ଡାମାଳ, ତଳଝିରି, ବନ୍ତେଜି, ସରାମବାଇ, ମାଣ୍ଡିଖୋଲା, ରାଉତଘାଟି, ବଡ଼ମାଟୁ, ଅଡାଟାକିରି, ଚିଲିଗୁଡ଼ା, ତଳଡେସ୍କା, କେଶକେରୀ, ଚାନ୍ଦଗିରି, ସିଆଡ଼ିମାଳ, ବାହାରଦୁଲୁକି, ଭିତରଦୁଲୁକି, ପଦାମାଝି, ବାରିଗୁଡ଼ା, ଭ୍ରମରଝରି, ରାଉତଘାଟି ଭଳି ଅନେକ ଗାଁର ଶତାଧିକ ଶ୍ରମିକ ବର୍ତ୍ତମାନ କେରଳ ରାଜ୍ୟର ବିଭିନ୍ନ ସ୍ଥାନରେ କାମ କରୁଛନ୍ତି। ସେଭଳି ଚନ୍ଦ୍ରପୁର ବ୍ଲକର ବେଲମଗୁଡ଼ା, କାରପା, ବଦ୍ରି, କଡିସୁର, ଗେଣ୍ଡାବାଜୁ, ଖିଲୁଣ୍ଡି, ରାଇବିଜି,କଲ୍ୟାଣସିଂହପୁର ବ୍ଲକର ବିଜୟନଗର, ପଲମା, ସିରିପୁର, ଭାଲୁମସ୍କା, ସେରିଗୁମା, ଫୁଲଗୁଡ଼ା, ଲକ୍ଷ୍ମୀନଗର, ଗୁଚ୍ଛୁକାବାଙ୍ଗୁ ଗାଁର ଅନେକ ଶ୍ରମିକ କେରଳ ସମେତ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ବିଭିନ୍ନ ସହରରେ ଦାଦନ ଖଟୁଛନ୍ତି । ନିଜ ଅଞ୍ଚଳରେ କାମଧନ୍ଦାର ଘୋର ଅଭାବ କାରଣରୁ ସେମାନେ ବାହାର ରାଜ୍ୟକୁ କିଛି ରୋଜଗାର କରିବା ଆଶାରେ ଯାଉଥିବା କହିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ୭୮ତମ ଜନ୍ମଦିବସ ପାଳିତ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ଅବସରରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

## କେକ୍ କାଟି, ବାଣ ଫୁଟାଇ ଜନ୍ମଦିନ ପାଳିଲେ ବିଜେଡି ନେତା, କର୍ମୀ

ରାୟଗଡ଼ା,୧୬।୧୦ (ଆଶିଷ ରଞ୍ଜନ ପଣ୍ଡା)

ବିଜେଡି ରାଜ୍ୟ ଉପସଭାପତି ଏନ.ଭାସ୍କର ରାଓଙ୍କ ବାସଭବନସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀଙ୍କ ୭୮ତମ ଜନ୍ମଦିବସ ପାଳିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରିବା ସହ ଜନ୍ମଦିନ କେକ୍ କାଟି ଶୁଭେଚ୍ଛା ଜଣାଇବା ସହିତ ବାଣ ଫୁଟାଇ ଖୁସି ମନାଇଥିଲେ । ଏଥିସହ ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିରକୁ ଯାଇ ଦୀପ ପ୍ରଜ୍ୱଳନ ପୂର୍ବକ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ । ଏଥିରେ ବିଜେଡି ରାଜ୍ୟ ମହିଳା ଉପସଭାନେତ୍ରୀ ସୁଜାତା ପାଳ, ରାଜ୍ୟ ସମ୍ପାଦକ ଚନ୍ଦ୍ରକାନ୍ତ ସାମଲ, ଜିଲା ଉପସଭାପତି ବିନାୟକ କର ଓ ବି. ତିରୁପତି, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅବିନାଶ ବିଷୋୟୀ, ଟାଉନ ସଭାପତି ବି ଜଗନ, ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ରାୟଗଡ଼ା ବିଜେଡି ଜିଲା ଉପସଭାପତି ବିନାୟକ କର, ପୌରାଧ୍ୟକ୍ଷ ମହେଶ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

# ଖଣି ଖନନକୁ ନେଇ ଅଞ୍ଚଳବାସୀଙ୍କ ମିଶ୍ର ପ୍ରତିକ୍ରିୟା

## ସିଜିମାଳି ଖଣି ପରିବେଶ ମଞ୍ଜୁରୀ ଜନଶୁଣାଣି

ରାୟଗଡ଼ା/ଟିକିରି,୧୬।୧୦ (ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ସିଜିମାଳି ବକ୍ସାଇଟ ଖଣିକୁ ନେଇ ସୋମବାର ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସୁଙ୍ଗେରସ୍ଥିତ ହାଇସ୍କୁଲ ପଡ଼ିଆରେ ପରିବେଶ ମଞ୍ଜୁରୀ ନିମନ୍ତେ ଅନୁଷ୍ଠିତ ଜନଶୁଣାଣିରେ ଖଣି ପ୍ରଭାବିତ ସାଗବାରି, କଣ୍ଟାମାଳ, ମାଳିପଦର, ସରମବାଇ, ବନ୍ତେଜି, ଆଲିଗୁଣା ଓ ଅନ୍ୟ ଗ୍ରାମର ପ୍ରାୟ ୬୦୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ରହି ଖଣି ଖନନକୁ ନେଇ ନିଜର ମତ ରଖିଥିଲେ। ଏଥିରେ ଖଣି ଖନନକୁ ନେଇ ଉଭୟ ବିପକ୍ଷ ଓ ସପକ୍ଷରେ ଅଞ୍ଚଳବାସୀ ମତ ରଖିଥିଲେ। ଖଣି ଖନନ ହେଲେ ଅଞ୍ଚଳର ବହୁ ଆଦିବାସୀଙ୍କ ଜୀବନ ଜୀବିକା ନଷ୍ଟ ହେବ ବୋଲି କେତେକ ଲୋକ ନିଜ ମତ ଦେଇଛନ୍ତି। ସେହିଭଳି କମ୍ପାନୀ ହେଲେ ଅଞ୍ଚଳର ବିକାଶ ପାଇଁ କଥା କହୁଥିବା କମ୍ପାନୀ ଖଣି ଖନନ ପାଇଁ ଅନୁମତି ପାଇବା ପରେ ଅଞ୍ଚଳର କୌଣସି ବିକାଶ ହେଉନାହିଁ କିମ୍ବା ଅଞ୍ଚଳର ଶିକ୍ଷିତ ବେକାରିଙ୍କୁ କୌଣସି ନିଯୁକ୍ତି ମିଳୁନାହିଁ ବୋଲି ଅଭିଯୋଗ କରିଥିଲେ। ଅପରପକ୍ଷରେ ଖଣି ଖନନ ସପକ୍ଷରେ ମତ ରଖି କିଛି ଲୋକ କହିଥିଲେ ଯେ, ଖଣି ଉତ୍ତୋଳନ ହେଲେ ଦାଦନ ସମସ୍ୟା ବନ୍ଦ ହେବ। ଘର ପାଖରେ ଲୋକ କାମଧନ୍ଦା ପାଇବେ। ଆର୍ଥିକ ସ୍ଥିତି ଉନ୍ନତି ହେବ।

ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଅଶୋକ ଭୋଇଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପାତ୍ର ନେତୃତ୍ୱରେ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସ୍ଥିତି ନିୟନ୍ତ୍ରଣ ପାଇଁ ୧୧ ଜଣ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା, କାଶୀପୁର ତହସିଲଦାର, ବିଡିଓଙ୍କ ସମେତ ଅନ୍ୟ ବ୍ଲକର ତହସିଲଦାର ଓ ବିଡିଓମାନେ ଉପସ୍ଥିତ ଥିଲେ। ଆଜିର ଏହି ଜନଶୁଣାଣିରେ କରାଯାଇଥିବା ଭିଡିଓ, ଲିଖିତ ଦସ୍ତାବିଜ୍ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କୁ ପଠାଇ ଦିଆଯିବ। ଏହି ତଥ୍ୟ ଉପରେ ସରକାର ଯାହା ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି।


ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଖଣି ପ୍ରଭାବିତ ଅଞ୍ଚଳବାସୀ।

## ଶ୍ରୀଜଗନ୍ନାଥଙ୍କ ମନ୍ତ୍ର, ଜପକୁ କୋଟିଏ ଥର ଲେଖିବା କାର୍ଯ୍ୟକ୍ରମ ଆରମ୍ଭ

କୋରାପୁଟ,୧୬।୧୦(ଅମିତାଭ ବେହେରା)

ଶାବର ଶ୍ରୀକ୍ଷେତ୍ର କୋରାପୁଟ ଶ୍ରୀଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ନେଇ ପ୍ରାରମ୍ଭିକ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ମନ୍ଦିର ପରିସର ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ମନ୍ତ୍ରକୁ କୋଟିଏ ଥର ଜପ କରିବା ଓ ଲେଖିବା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଡିସେମ୍ବରରେ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ପାଳନ ହେବା ପର୍ଯ୍ୟନ୍ତ ଏହି ନାମ ଜପର ଲିଖନ ପ୍ରକ୍ରିୟା ଜାରି ରହିବ ବୋଲି ମନ୍ଦିର ସମ୍ପାଦକ ଜଗବନ୍ଧୁ ସାମଲ କହିଛନ୍ତି। ସୁବର୍ଣ୍ଣ ଜୟନ୍ତୀ ଅବସରରେ ପ୍ରବଚନ, ଜଗନ୍ନାଥ ଚେତନାକୁ ନେଇ ଜାତୀୟ କର୍ମଶାଳା , ଯଜ୍ଞ ଏବଂ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ଉତ୍ସବରେ ଯୋଗଦେବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗଜପତି ମହାରାଜଙ୍କୁ ଅନୁରୋଧ ପତ୍ର ପଠାଯାଇଥିବା ଡ ସାମଲ କହିଛନ୍ତି । ଜଗନ୍ନାଥ ଚେତନା ଓ ସଂସ୍କୃତିର ବାର୍ତ୍ତାବହ ସାଜିଛି ଶାବର ଶ୍ରୀକ୍ଷେତ୍ରର ଜଗନ୍ନାଥ ମନ୍ଦିର ପରିସର। ଏହି ମନ୍ଦିର ୧୯୭୨ ମସିହାରେ ପ୍ରତିଷ୍ଠା ହୋଇଥିଲା। ଚଳିତ ବର୍ଷ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେବ। ପୁରୀର ଜଗନ୍ନାଥ ସଂସ୍କୃତି ଗବେଷକ ତଥା ପଣ୍ଡିତ ସଦାଶିବ ରଥଶର୍ମାଙ୍କ ପୁଅ ସୂର୍ଯ୍ୟ ନାରାୟଣ ରଥଶର୍ମା କିଛି ମାସ ତଳେ ମନ୍ଦିରକୁ ଯାଇ ଜଗନ୍ନାଥଙ୍କ ଦର୍ଶନ କରିବା ସହ ସୁବର୍ଣ୍ଣ ଜୟନ୍ତୀ ପାଳନସମ୍ପର୍କରେ ମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ।

# ୪୩ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ


ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

## ପଦ୍ମପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି

ପଦ୍ମପୁର,୧୬।୧୦ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ପଦ୍ମପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳ ସ୍ୱାଧାଦେବ ସିଂଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ (ସାଧାରଣ) ଭାସ୍କର ରଇତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶାନ୍ତିପ୍ରଭା ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟ ଏବଂ ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ ପ୍ରମୁଖ ଯୋଗଦାନକରି ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୪୩ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ଓ ୯ଗୋଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ଥିଲା। ଅତିରିକ୍ତ ଜିଲାପାଳ ରଇତ ସମସ୍ତ ଅଭିଯୋଗ ଶୁଣି ତୁରନ୍ତ ସମାଧାନ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ରାସ୍ତା, ପାନୀୟ ଜଳ, ବଡ଼ନାଳ ପାଣି ଯୋଗାଣ ଆଦିର ଦରଖାସ୍ତ ଗ୍ରହଣ କରିଥିବାବେଳେ ସମସ୍ତ ଆବେଦନକୁ ତ୍ୱରିତ ସମାଧାନ କରିବା ସହ ଜିଲା କାର୍ଯ୍ୟାଳୟକୁ ବିବରଣୀ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

ଅଭିଯୋଗ ଶିବିରରେ ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଦୟାନିଧି ବାଘ, ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ, ବଡ଼ନାଳ ପ୍ରକଳ୍ପ ଯନ୍ତ୍ରୀ, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ, ପଦ୍ମପୁର ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଜିଲା ସମାଜ କଲ୍ୟାଣ ଅଧିକାରୀ କାମାକ୍ଷୀ ପାଢ଼ୀ, ଜିଲା ଜରୁରିକାଳୀନ ଅଧିକାରୀ ସୂର୍ଯ୍ୟମଣି ଭୋଇ, ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍. ସନ୍ତୋଷ କୁମାର, ଜିଲା ମଙ୍ଗଳ ଅଧିକାରୀ ବିଭୂତି ଭୂଷଣ ବିଶ୍ୱାଳ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ବିପିଏମ୍ ପ୍ରମୁଖ ପରିଚାଳନା କରିଥିଲେ ।

# ବିଭିନ୍ନ କମ୍ପାନୀ ପକ୍ଷରୁ ୯୬ ଛାତ୍ରୀଛାତ୍ର ଚୟନ

## ପ୍ରଧାନମନ୍ତ୍ରୀ ଆପ୍ରେଣ୍ଟିଶିପ୍ ମେଳା

ରାୟଗଡ,୧୬।୧୦(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନଠାରେ ସୋମବାର ପ୍ରଧାନମନ୍ତ୍ରୀ ଆପ୍ରେଣ୍ଟିଶିପ୍ ମେଳା -୨୦୨୩ ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ୧୦୭ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଜିଲାର ପ୍ରାୟ ୬ଟି କମ୍ପାନୀ ନିଯୁକ୍ତି ମେଳାରେ ଯୋଗଦାନ କରି ୯୬ ଛାତ୍ରୀଛାତ୍ରଙ୍କୁ ଚୟନ କରିଥିଲେ । ଏହି ମେଳାରେ ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ନରେନ୍ଦ୍ର କୁମାର ନାୟକ, ଜିଲା ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ଶିଳ୍ପ ଅନୁଷ୍ଠାନର ଆଇପିଓ ସବ୍ୟସାଚୀ ସାହୁ ଯୋଗ ଦେଇଥିଲେ । ଆଇଟିଆଇ ଅନୁଷ୍ଠାନର ଅଧ୍ୟକ୍ଷ ଅତୁଲ୍ୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଇ ମେଳାରେ ନିମନ୍ତ୍ରିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ନାୟକ ଛାତ୍ରୀଛାତ୍ରଙ୍କୁ କୁଶଳୀ ହୋଇ ଆତ୍ମନିର୍ଭରଶୀଳ ହେବା ପାଇଁ ଆହ୍ୱାନ ଦେଇ ଉପାଦେୟ ବାର୍ତ୍ତା ଦେଇଥିଲେ। ସ୍ଥାନୀୟ କମ୍ପାନୀଗୁଡ଼ିକ ବହୁ ମାତ୍ରାରେ ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ଅଧିକ ସୁଯୋଗ ଦେବା ଆବଶ୍ୟକ ବୋଲି କହିଥିଲେ। ନିୟୋଜନ ଅଧିକାରୀ ମହାପାତ୍ର ଛାତ୍ରୀଛାତ୍ରୀଙ୍କୁ ନିଯୁକ୍ତିମେଳାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିଳ୍ପ ବିକାଶ ଅଧିକାରୀ ସାହୁ ତାଙ୍କ ଅଭିଭାଷଣରେ ଦକ୍ଷତାର ବିକାଶ ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ତାଲିମ ଅଧିକାରୀ ନିଶିକାନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିବା ବେଳେ ସନ୍ତୋଷ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।



ନିଯୁକ୍ତି ମେଳାରେ ମଞ୍ଚାସୀନ ଅତିଥିମାନେ।

# ଆବଶ୍ୟକ ବହି ନ ଥିବାରୁ କିଣି ପଢୁଛନ୍ତି ଗରିବ ଛାତ୍ରୀଛାତ୍ର

- ଲାଇବ୍ରେରିରେ ନାହିଁ ଆନୁଷଙ୍ଗିକ ବ୍ୟବସ୍ଥା
- ୨୦୧୬ରୁ କିଣାଯାଇନି ବହି

ରାୟଗଡା,୧୬।୧୦ (ଭାଗ୍ୟଶ୍ରୀ ମିଶ୍ର)

ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଅତ୍ୟାଧୁନିକ ଲାଇବ୍ରେରି ଓ ଇ-ଲାଇବ୍ରେରି ବିଷୟରେ ଚିନ୍ତା କରୁଛନ୍ତି। ହେଲେ ଆଦିବାସୀ ଅଧୁଷିତ ରାୟଗଡା ଜିଲାରେ ଥିବା ଲାଇବ୍ରେରି ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ରହିଛି। ଜିଲାର ଅଧିକାଂଶ ଛାତ୍ରୀଛାତ୍ର ଆର୍ଥିକ ଅନଟନ ଭିତରେ ଗତି କରୁଥିବାବେଳେ ଅଧିକ ଦାମ୍ ଦେଇ ପାଠ୍ୟପୁସ୍ତକ କିଣିବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇ ନ ଥାଏ। ତେଣୁ ସେମାନେ ମାଗଣାରେ ପାଠାଗାରରେ ପଢିବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। ହେଲେ ଜିଲା ସଦର ମହକୁମାରେ ଥିବା ପାଠାଗାରରେ ଆବଶ୍ୟକ ପାଠ୍ୟ ପୁସ୍ତକ ଓ ଆନୁସଙ୍ଗିକ ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ରମାନେ ଏହାର ସୁବିଧା ପାଇପାରୁ ନ ଥିବା ଅଭିଯୋଗ ହେଉଛି। ୨୦୧୬ରେ ଏହି ଲାଇବ୍ରେରିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବହି ପ୍ରଦାନ କରାଯାଇଥିଲା। ଏହା ପରଠୁ ଲାଇବ୍ରେରିକୁ ଆଉ ନୂଆ ବହି ଆସି ନାହିଁ । ଏଠାରେ କମ୍ପିଟେଟିଭ ବହି, ନିଯୁକ୍ତି, କରେଣ୍ଟ ଆଫେୟାର୍ସ ବହି କିମ୍ବା ପତ୍ରପତ୍ରିକା ନ ଥିବାରୁ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ବାଧ୍ୟ ହୋଇ ପିଲାମାନେ ଅଧିକ ଦାମରେ ବହି କିଣି ସେଠାରେ ବସି ପଢୁଥିବା କହିଛନ୍ତି।

ରାୟଗଡାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୧୯୭୯ରେ ଲାଇବ୍ରେରି (ଗ୍ରନ୍ଥାଗାର) ପ୍ରତିଷ୍ଠା ହୋଇଛି। ପ୍ରତିଷ୍ଠା ହେବା ପରଠୁ ଏହା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ପୌର ପରିଷଦ ପକ୍ଷରୁ ଥିବା ମାର୍କେଟ କମ୍ପ୍ଲେକ୍ସ ବିଲଡିଂଠାରେ ରହିଥିଲା। ହେଲେ ଉକ୍ତ କୋଠା ବହୁତ ପୁରୁଣା ହୋଇଯାଇଥିବାରୁ ସୁରକ୍ଷା ଦୃଷ୍ଟିରୁ ଲାଇବ୍ରେରିକୁ ଗତ ୨ ବର୍ଷ ହେବ ପୁରୁଣା ଏଲଆଇସି କଲୋନୀର ଏକ ସରକାରୀ କ୍ୱାର୍ଟର୍ସକୁ ସ୍ଥାନାନ୍ତର କରାଯାଇଛି। ପୁରୁଣା ବିଲଡିଂକୁ ମରାମତି କରାଯାଉ ନ ଥିବାବେଳେ ନୂତନ ଭାବେ ସରକାରୀ କ୍ୱାର୍ଟର୍ସରେ ମଧ୍ୟ ଏହାକୁ ଠିକ ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଉକ୍ତ ଲାଇବ୍ରେରିରେ ପାଠ୍ୟ ସମ୍ବନ୍ଧୀୟ ବହି ବହୁତ କମ୍ ଥିବାବେଳେ ଧର୍ମ, ଦର୍ଶନ, ନାଟକ, ଉପନ୍ୟାସ ବହି ଅଧିକ ରହିଛି। ଫଳରେ ଉଚ୍ଚ ଶିକ୍ଷା ପାଇଁ ଇଚ୍ଛା ଥାଇ ମଧ୍ୟ ଛାତ୍ରୀଛାତ୍ର ପାଠପଢ଼ାର ସୁଯୋଗ ପାଉନାହାନ୍ତି। ଅନ୍ୟପଟେ ଲାଇବ୍ରେରି ଯେଉଁ ସ୍ଥାନରେ ରହିଛି, ସେଠାରେ ନା ରହିଛି ସୂଚନା ଫଳକ, ନା ଲାଇବ୍ରେରି ଖୋଲିବା, ବନ୍ଦ ହେବା ସମୟ ଉଲ୍ଲେଖ କରାଯାଇଛି। ଫଳରେ ଅନେକ ଛାତ୍ରୀଛାତ୍ର ଏଠାରେ ଲାଇବ୍ରେରୀ ଥିବା ଜାଣି ନ ଥିବା କହିଛନ୍ତି। ସେହିପରି ଲାଇବ୍ରେରୀରେ ର୍ୟାକ୍ କିମ୍ବା ଆଲମିରା ନ ଥିବାରୁ ଯାହା ବି ପୁରୁଣା ବହି ରହିଛି ସେଗୁଡ଼ିକୁ ଉଇ ଲାଗି ନଷ୍ଟ ହୋଇଗଲାଣି। ଲାଇବ୍ରେରି ପାଇଁ ଉପଯୁକ୍ତ ପରିବେଶ ନ ଥିବା ଯୋଗୁ ଅନେକ ସେଠାକୁ ଆସୁ ନ ଥିବା କହିଛନ୍ତି। ପ୍ରତିଦିନ ୬ରୁ ୮ଜଣ ପାଠାଗାରକୁ ପଢିବାକୁ ଆସିଥାନ୍ତି । ଜଣେ ଡାକ୍ତର ସଂଗ୍ରାମ କେଶରୀ ନିୟମିତ ପାଠାଗାରକୁ ଆସୁଥିବାବେଳେ ସେ କହିଛନ୍ତି ମୁଁ ଓପିଏସସି ପାସ୍ କରିଛି। ତେବେ ସ୍ପେସିଆଲାଇଜେସନ ପାଇଁ ଏଠାକୁ ଆସି ପଢୁଛି। ପାଠ ପଢିବା ପାଇଁ ଏକ ଉପଯୁକ୍ତ ପରିବେଶର ଅବଶ୍ୟକ ଥିବାରୁ ଏଠାକୁ ଆସୁଛି ହେଲେ, ଏଠାକାର ପରିବେଶ ପାଠପଢ଼ା ପାଇଁ ଅନୁକୂଳ ନ ଥିବାବେଳେ ପାଠାଗାରକୁ ଉନ୍ନତିକରଣ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି ଅନ୍ୟ ଜଣେ ଛାତ୍ର ଡ଼ମ୍ବୁରୁଧର ନାଚିକା କହିଛନ୍ତି, ସେ ଏସଏସସି ଏବଂ କମ୍ପିଟେଟିଭ ପାଇଁ ପ୍ରସ୍ତୁତି କରୁଛନ୍ତି। ଏଠାରେ କୌଣସି ବହି ନ ଥିବାରୁ ଆମେ ନିଜେ ବହି କିଣିକି ଆଣି ଏଠାରେ ପଢୁଛୁ । ଉପଯୁକ୍ତ ବହି ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ କଲେ ଗରିବ ମେଧାବୀ ପିଲାମାନେ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଏହାର ଉନ୍ନତିକରଣ କରାଯିବାକୁ ଦାବି କରାଯାଇଛି। ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ପୁଣି ପୁରୁଣା ବିଲଡିଂ ମରାମତି କରାଯାଇ ସେଠାକୁ ଲାଇବ୍ରେରି ସ୍ଥାନାନ୍ତର କରାଗଲେ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ଆର୍କେ ନଗରର ବରିଷ୍ଠ ନାଗରିକ ପ୍ରସନ୍ନ ମିଶ୍ର କହିଛନ୍ତି । ଏ ସମ୍ପର୍କରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କୁ ପଚାରିବାରୁ, ପୁରୁଣା କୋଠା ମରାମତି କାର୍ଯ୍ୟ ଶେଷ ହେଲେ ପାଠାଗାର ସେଠାକୁ ସ୍ଥାନାନ୍ତର କରାଯିବ । କିନ୍ତୁ ବିଭାଗୀୟ ଅଧିକାରୀ କାମ ଆରମ୍ଭ କରୁ ନ ଥିବାରୁ ଏହି ପ୍ରକ୍ରିୟା ବିଳମ୍ବ ହେଉଥିବା ସେ କହିଛନ୍ତି । ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ୟାଶୀର ବିଲାଲ ଅହମ୍ମଦ କହିଛନ୍ତି, ସେ କୋଠା ମରାମତି ବିଷୟରେ ଜାଣିନାହାନ୍ତି, ବିଭାଗୀୟ ଅଧିକାରୀଙ୍କଠାରୁ ବୁଝିକି ଆବଶ୍ୟକ ପଦକ୍ଷେପ ନେବି ।






# ୫୧ ଅଭିଯୋଗ ଶୁଣିଲେ ଜିଲାପାଳ

## ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ଡାବୁଗାଁ,୧୬।୧୦(ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟର ଅଭିଯୋଗ ପ୍ରକୋଷ୍ଠରେ ସୋମବାର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଜିଲାପାଳ ଡା. କମଳ ଲୋଚନ ମିଶ୍ର ୫୧ଟି ଅଭିଯୋଗର ଶୁଣାଣି କରି ତାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୫୧ଟି ଅଭିଯୋଗ ମଧ୍ୟରୁ ୩୨ଟି ବ୍ୟକ୍ତିଗତ, ୧୯ଟି ଗୋଷ୍ଠୀଗତ ଅଭିଯୋଗ ରହିଛି। ଡାବୁଗାଁ ବ୍ଲକ ଜୁନାପାଣି ପଞ୍ଚାୟତ ଅଧୀନ ମାଝିଗୁଡା ଓ ଠକଗୁଡା ଗ୍ରାମରେ ଆଶାକର୍ମୀ ନିଯୁକ୍ତି ଦେବା, ରାବଣାଗୁଡା ଗ୍ରାମର ରାସ୍ତା ମରାମତି, କଲଭର୍ଟ ନିର୍ମାଣ, ବିଦ୍ୟାଳୟ ଗୃହ ନିର୍ମାଣ, ଡାବୁଗାଁ ପଞ୍ଚାୟତର ଉମୁରହାଣ୍ଡି ଗ୍ରାମ ନିକଟରେ ଥିବା ଅଙ୍ଗୀ ନଦୀ ଉପରେ ପୋଲ ନିର୍ମାଣ, ଡାବୁଗାଁ ବେସରକାରୀ ବସ୍ ୟୁନିଅନର ଗୃହ ନିର୍ମାଣ, ଡାବୁଗାଁ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ମଶାଣିକୁ ରାସ୍ତା ନିର୍ମାଣ, ଡାବୁଗାଁ ରେଭିନ୍ୟୁଗୁଡା, ନୂଆଗୁଡା ଓ ଭେଲୁଆଗୁଡା ଗ୍ରାମର ଗୋଚର ଜମି ପଟ୍ଟା ପ୍ରଦାନ, ଡାବୁଗାଁ ହରିଜନ ସମ୍ପ୍ରଦାୟର ମଶାଣିକୁ ରାସ୍ତା ନିର୍ମାଣ, ଡାବୁଗାଁ ଅଙ୍ଗୀ ନଦୀରେ ଚାଷ କାର୍ଯ୍ୟ ପାଇଁ ଲିଫ୍ଟ ପଏଣ୍ଟ ନିର୍ମାଣ, ଜୁନାପାଣି ପଞ୍ଚାୟତ ଅଧୀନ ରାବଣାଗୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ଗୃହ ନିର୍ମାଣ, ଘୋଡାଖୁଣ୍ଟା ପଞ୍ଚାୟତ ଅଧୀନ ମଶୁଗୁଡା ଗ୍ରାମରେ ନଳକୂପ ଓ ମଶାଣିରେ ବିଶ୍ରାମ ଗୃହ ନିର୍ମାଣ, ପାପଡାହାଣ୍ଡି ବ୍ଲକ କଣ୍ଟାମାଳ ପଞ୍ଚାୟତର ରଣ୍ଡାଗୁଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ବଦଳି କରିବା, ପାପଡାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତର ବେଲଗୋଛିଆଗୁଡା ଗ୍ରାମରେ ଅଙ୍ଗନୱାଡି ଗୃହ ନିର୍ମାଣ, ଝରିଗାଁ ବ୍ଲକ ପୁପୁଗାଁ ପଞ୍ଚାୟତର ବାରବାଙ୍କୁଲି ଗ୍ରାମରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଝରିଗାଁ ବ୍ଲକ ଇଛାପୁର ପଞ୍ଚାୟତର ନକ୍ସା କରିବା ଓ ଢେପଗୁଡା ଗ୍ରାମରେ ଜଙ୍ଗଲ ସୁରକ୍ଷା ଭଳି ଅଭିଯୋଗ ଆସିଥିଲା । ଏହାସହ ଜିଲାପାଳଙ୍କ ଦ୍ୱାରା ୪୪ ଜଣଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନବରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ଯଦୁମଣି ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଭାରପ୍ରାପ୍ତ ଜିଲାମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର କବିରାଜ, ଡାବୁଗାଁ ବିଡିଓ ଶରତ ମାଝି, ତହସିଲଦାର କୃଷ୍ଣ ଚନ୍ଦ୍ର ଦାସ, ସିଡିପିଓ ମିନତୀ ଦାଶ, ଡାବୁଗାଁ ବନାଞ୍ଚଳ ଅଧିକାରୀ ତଡିତ କୁମାର ସାଇଁ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ରାଉତ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଶ୍ରୀନିଗୋ ମୁର୍ମୁ, ବନପାଳ ଉମାକାନ୍ତ ପଟ୍ଟନାୟକ, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ପବିତ୍ର କୁମାର ସାହୁ, ମୃତ୍ତିକା ସଂରକ୍ଷଣ ବିଭାଗ ରେଞ୍ଜର ଗୌତମ ସେଠୀ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶାସ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା ଓ ଜିଲା ଏବଂ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ଡା. କମଳ ଲୋଚନ ମିଶ୍ର ଜଣେ ବ୍ୟକ୍ତିଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥଙ୍କ ମନ୍ତ୍ର, ଜପକୁ କୋଟିଏ ଥର ଲେଖିବା କାର୍ଯ୍ୟକ୍ରମ ଆରମ୍ଭ

କୋରାପୁଟ,୧୬।୧୦(ଅମିତାଭ ବେହେରା)

ଶାବର ଶ୍ରୀକ୍ଷେତ୍ର କୋରାପୁଟ ଶ୍ରୀଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ନେଇ ପ୍ରାରମ୍ଭିକ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ମନ୍ଦିର ପରିସର ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ମନ୍ତ୍ରକୁ କୋଟିଏ ଥର ଜପ କରିବା ଓ ଲେଖିବା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଡିସେମ୍ବରରେ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ପାଳନ ହେବା ପର୍ଯ୍ୟନ୍ତ ଏହି ନାମ ଜପର ଲିଖନ ପ୍ରକ୍ରିୟା ଜାରି ରହିବ ବୋଲି ମନ୍ଦିର ସମ୍ପାଦକ ଜଗବନ୍ଧୁ ସାମଲ କହିଛନ୍ତି । ସୁବର୍ଣ୍ଣ ଜୟନ୍ତୀ ଅବସରରେ ପ୍ରବଚନ , ଜଗନ୍ନାଥ ଚେତନାକୁ ନେଇ ଜାତୀୟ କର୍ମଶାଳା , ଯଜ୍ଞ ଏବଂ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ଉତ୍ସବରେ ଯୋଗଦେବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗଜପତି ମହାରାଜଙ୍କୁ ଅନୁରୋଧ ପତ୍ର ପଠାଯାଇଥିବା ଡ ସାମଲ କହିଛନ୍ତି । ଜଗନ୍ନାଥ ଚେତନା ଓ ସଂସ୍କୃତିର ବାର୍ତ୍ତାବହ ସାଜିଛି ଶାବର ଶ୍ରୀକ୍ଷେତ୍ରର ଜଗନ୍ନାଥ ମନ୍ଦିର ପରିସର। ଏହି ମନ୍ଦିର ୧୯୭୨ ମସିହାରେ ପ୍ରତିଷ୍ଠା ହୋଇଥିଲା। ଚଳିତ ବର୍ଷ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେବ। ପୁରୀର ଜଗନ୍ନାଥ ସଂସ୍କୃତି ଗବେଷକ ତଥା ପଣ୍ଡିତ ସଦାଶିବ ରଥଶର୍ମାଙ୍କ ପୁଅ ସୂର୍ଯ୍ୟ ନାରାୟଣ ରଥଶର୍ମା କିଛି ମାସ ତଳେ ମନ୍ଦିରକୁ ଯାଇ ଜଗନ୍ନାଥଙ୍କ ଦର୍ଶନ କରିବା ସହ ସୁବର୍ଣ୍ଣ ଜୟନ୍ତୀ ପାଳନସମ୍ପର୍କରେ ମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ।

### ଦେଶୀ ମଦ ଜବତ, ଜଣେ ଗିରଫ

ଡାବୁଗାଁ, ୧୬।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଅବକାରୀ ବିଭାଗ ସୋମବାର ବିଭିନ୍ନ ସ୍ଥାନରେ ଚଢାଉ କରି ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ମୋହନ କୁମ୍ଭାର ଏକ ପ୍ଲାଷ୍ଟିକ ଡବାରେ ଦେଶୀ ମଦ ବିକ୍ରି କରିବା ଉଦ୍ଦେଶ୍ୟରେ ଡାବୁଗାଁ ଛକକୁ ଯାଉଥିବା ବେଳେ ଅବକାରୀ କର୍ମଚାରୀ ତାଙ୍କୁ ସନ୍ଦେହ କରି ଅଟକ ରଖିଥିଲେ। ଉକ୍ତ ଡବା ଖୋଲି ଯାଞ୍ଚ କରିବା ପରେ ସେଥିରେ ଦେଶୀ ମଦ ରହିଥିବା ଦେଖି ଅବକାରୀ କର୍ମଚାରୀ ତାଙ୍କୁ ଗିରଫ କରିଥିଲେ । ତାଙ୍କ ଠାରୁ ୧୯ ଲିଟର ଦେଶୀ ମଦ ଜବତ କରିଛି। ଅପରାହ୍ଣରେ ମୋହନ କୁମ୍ଭାରଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏ ନେଇ ଡାବୁଗାଁ ଅବକାରୀ କାର୍ଯ୍ୟାଳୟ କେସ୍ ନଂ. ୧୨୪/୨୦୨୩-୨୪ ରେ ଏକ ମାମଲା ରୁଜୁ କରାଯାଇଛି। ଚଢ଼ାଉ ସମୟରେ ଡାବୁଗାଁ ଅବକାରୀ ଉପନିରୀକ୍ଷକ ବୁଲୁ ପାତ୍ର, ଏଏସ୍‌ଆଇ ସୁରେନ୍ଦ୍ର ପଣ୍ଡା, କର୍ମଚାରୀ ନାରାୟଣ ମୁଦୁଲି, ଶ୍ରୀକାନ୍ତ ବିଶୋଇ ଓ ସୁରେଖା ଭତରା ପ୍ରମୁଖ ସାମିଲ ଥିଲେ।

# ହକିର ସ୍ୱର୍ଣ୍ଣିମ ଇତିହାସ ଉପରେ ସଚେତନତା



ନବରଙ୍ଗପୁର ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ।

ନବରଙ୍ଗପୁର,୧୬।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମହାବିଦ୍ୟାଳୟରେ ହକିର ସ୍ୱର୍ଣ୍ଣିମ ଇତିହାସ ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିବା ସହ ଓ ଏକ ବକ୍ତୃତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ଭାସ୍କରନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଭାରତର ଜାତୀୟ ଖେଳ ଭାବେ ହକିକୁ ବିବେଚନା କରାଯାଉଥିବାରୁ ହକିର ଗୌରବମୟ ଇତିହାସ ଓ ଅବଦାନ ସମ୍ପର୍କରେ ଡ. ବିଶ୍ୱାଳ ପିଲାମାନଙ୍କୁ ଜଣାଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଡ. ଜାହାଙ୍ଗୀର ମହମ୍ମଦ କ୍ରୀଡ଼ା ସ୍ୱାସ୍ଥ୍ୟ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ହକି ଖେଳରେ ଭାଗ ନେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହା ପରେ ସ୍ମାର୍ଟ ଶ୍ରେଣୀଗୃହରେ ଲିଟେରାରୀ ଆସୋସିଏଶନ ସହଯୋଗରେ ଯୁକ୍ତ ୩ ପିଲାମାନଙ୍କ ମଧ୍ୟରେ ଉଭୟ ଓଡ଼ିଆ ଏବଂ ଇଂରାଜୀରେ ହକି ଯଥାର୍ଥରେ ଭାରତର ଜାତୀୟ ଖେଳ କି ବିଷୟରେ ଏକ ତର୍କ ପ୍ରତିଯୋଗିତା ଓ ସାକ୍ଷ୍ୟ ହିଁ ସମ୍ପଦ ଉପରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉଭୟ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକମାନେ ସହଯୋଗ କରିଥିଲେ।

# ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ପୂର୍ବତନ ସାନିଟାରି ଏକ୍ସପର୍ଟ

■ ପୌର ସଂସ୍ଥାରେ ସ୍ୱଚ୍ଛ ଭାରତ ମିଶନ, ସାନିଟେଶନ ବ୍ୟବସ୍ଥା ବିପର୍ଯ୍ୟସ୍ତ

■ ଲଗଇନ୍ ପାସ୍‌ୱାର୍ଡ ପ୍ରଦାନ କରୁନାହାନ୍ତି ମନୋଜ

ନବରଙ୍ଗପୁର,୧୬।୧୦
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌରସଂସ୍ଥାରେ କାର୍ଯ୍ୟରତ ସାନିଟାରି ଏକ୍ସପର୍ଟ ମନୋଜ ଦତ୍ତଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି । ସେହି ସ୍ଥାନରେ ରାମଶଙ୍କର ଦାଶଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ତେବେ ଦତ୍ତ ଦାୟିତ୍ୱ ପ୍ରଦାନ କରୁ ନ ଥିବାରୁ ସ୍ୱଚ୍ଛ ଭାରତ ମିଶନ ଓ ସାନିରାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ହିତାଧିକାରୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ୱଚ୍ଛଭାରତ ମିଶନ ଅତିରିକ୍ତ ସଚିବ ଦୃଷ୍ଟି ଦେବାକୁ ଦାବି ହେଉଛି ।

ନବରଙ୍ଗପୁର ସହରରେ ବୁଲା ଗୋରୁଗାଈଙ୍କୁ ରଖିବା ପାଇଁ ଆଶୀର୍ବାଦ କଲ୍ୟାଣ ମଣ୍ଡପଠାରେ ପୌରସଂସ୍ଥା ପକ୍ଷରୁ କାଞ୍ଜିଆହୁଦା କରାଯାଇଥିଲା। ସାନିଟାରୀ ଏକ୍ସପଟ୍ ଦତ୍ତ ଏହାର ଦାୟିତ୍ୱରେ ଥିଲେ। ଦତ୍ତ ସେଠାରୁ ବେଆଇନ ଭାବେ ଗତ ୪ ତାରିଖରେ ଦୁଇଟି ବାଛୁରୀ ଭତରା ଗ୍ରାମର ଦୁର୍ଜନ ଭାତରାଙ୍କୁ ୪ ହଜାର ୫ ଟଙ୍କାରେ ବିକ୍ରି କରି ଦେଇଥିଲେ। ଏହି ଘଟଣା ଜଣାପଡିବା ପରେ ପୌର ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠା ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ । ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ ପରେ ଦତ୍ତ ଜାମିନରେ ଆସିଥିଲେ । ଏନେଇ ନିର୍ବାହୀ ଅଧିକାରୀ ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) ଅତିରିକ୍ତ ସଚିବଙ୍କୁ ୫ରେ ଚିଠି ନମ୍ବର ୪୧୩୮/୧୩ରେ ଦତ୍ତଙ୍କୁ କାର୍ଯ୍ୟଚ୍ୟୁତ କରିବାକୁ ଚିଠି ଲେଖିଥିଲେ। ତେବେ ସାନିଟାରୀ ଏକ୍ସପଟ୍ ଦତ୍ତଙ୍କ ବାଇକ୍ (ଓଡି ୨୪ଏଚ-୬୪୨୯) ପୌରସଂସ୍ଥା ପକ୍ଷରୁ ଫିଲ୍ଡ ସୁପରଭିଜନ ପାଇଁ ପ୍ରଦାନ କରାଯାଇଥିଲା। ତାହା ଫେରାଇବା ପାଇଁ ୯ରେ ଚିଠି ନମ୍ବର ୪୧୮୮ରେ ନିର୍ବାହୀ ଅଧିକାରୀ ତାଙ୍କୁ ଅବଗତ କରାଇଥିଲେ। ୧୩ରେ ଦତ୍ତ ଉକ୍ତ ଚିଠି ଗ୍ରହଣ କରିଛନ୍ତି । ଏହାବ୍ୟତୀତ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମର ଲଗଇନ୍ ଓ ପାସ୍‌ୱାର୍ଡ ପ୍ରଦାନ କରିବାକୁ ତାଙ୍କୁ କୁହାଯାଇଥିଲେ ମଧ୍ୟ ସେ ପ୍ରଦାନ କରିନାହାନ୍ତି। ଫାଇଲ, ରେଜିଷ୍ଟ୍ରାର, ଡକ୍ୟୁମେଣ୍ଟଗୁଡିକ ହସ୍ତାନ୍ତର କରୁନାହାନ୍ତି। ସେ ସାନିଟେସନ ଷ୍ଟକ ଓ ଷ୍ଟୋର ଚାର୍ଜ ମଧ୍ୟ ଦେଉନାହାନ୍ତି । ଏନେଇ ନିର୍ବାହୀ ଅଧିକାରୀ ୧୦ରେ ଚିଠି ନଂ.୪୨୩୧ରେ ଦତ୍ତଙ୍କୁ ଉପରୋକ୍ତ ସମସ୍ତ ଦାୟିତ୍ୱ ଓ ବାଇକ୍, ଲଗ୍‌ଇନ ପାସ୍‌ୱାର୍ଡ ଓ ଡକ୍ୟୁମେଣ୍ଟ ଆଦି ପ୍ରଦାନ କରୁ ନ ଥିବାରୁ ସାନିଟେସନ କାର୍ଯ୍ୟରେ ବାଧାସୃଷ୍ଟି ହେଉଛି। ସେହିଭଳି ନବରଙ୍ଗପୁର ସହରର ସ୍ଲମ ଅଞ୍ଚଳରେ ବ୍ୟକ୍ତିଗତ ପାଇଖାନା ନିର୍ମାଣ ପାଇଁ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ସରକାର ଅନୁଦାନ ପ୍ରଦାନ କରିସାରିଛନ୍ତି। ଏନେଇ ୧୫ଶହ ଜଣ ଆବେଦନ ମଧ୍ୟ କରିଛନ୍ତି। ୧୦ ନମ୍ବର ୱାର୍ଡରେ ୨୭ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ବୋଲି କାଉନସିଲର ଏ.ସତୀଶ କହିଛନ୍ତି । ତେବେ ସରକାରୀ ସ୍ତରରେ ସେଗୁଡିକ ଆପଲୋଡ୍ ହୋଇ ନ ଥିବାରୁ ସେ କାର୍ଯ୍ୟ ମଧ୍ୟ ଆଗେଇ ପାରୁନାହିଁ। ସ୍ଲମ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ପାଇଖାନା ବ୍ୟବସ୍ଥା ନ ଥିବାରୁ ଅନେକ ବାହାର ପଡିଆକୁ ଶୌଚ ହେବାକୁ ଯାଉଛନ୍ତି। ସୂଚନାଯୋଗ୍ୟ, ଦତ୍ତ ଫେବୃଆରୀ ୨ରେ ପୌରସଂସ୍ଥା ପକ୍ଷରୁ ଆବର୍ଜନା ଉଠାଇବା ଲାଗି ଉଦ୍ଦିଷ୍ଟ ଠେଲାଗୁଡିକ କବାଡି ଦୋକାନରେ ବିକ୍ରି କରି ଦେଉଥିଲେ। କାଉନସିଲର ଅମିତ ପ୍ରଧାନ ଏହା ଦେଖି ପ୍ରତିବାଦ କରିବାରୁ ସେ ପୌର ସଂସ୍ଥା କାର୍ଯ୍ୟାଳୟରେ ଆଣି ରଖିଦେଇଥିଲେ।

## ବାଇକ୍ ଦୁର୍ଘଟଣା, ୩ ଆହତ

ଦଶମନ୍ତପୁର,୧୬।୧୦(ଅରବିନ୍ଦ ନାୟକ)

ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତର ଘାଟି ବୁଲାଣି ରାସ୍ତାରେ ସୋମବାର ଏକ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଜଣାପଡିଛି। ଏଥିରେ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଫଟକିଜାମ ଗ୍ରାମର ଘାସିରାମ ବାଘ (୩୫), ଡକାମରା ଗ୍ରାମର ପ୍ରଶାନ୍ତ ବାଘ (୨୫) ଓ ଚିତ୍ର ବିଶୋୟୀ। ଘାସିରାମଙ୍କ ଅବସ୍ଥା ଗୁରୁତର ରହିଛି। ସେହି ରାସ୍ତାର ଯାଉଥିବା କେତେକ ବ୍ୟକ୍ତି ଏକଭ୍ୟାନ ଅଟକାଇ ଆହତ ୩ଜଣଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଘାସିରାମଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ କୁ ସ୍ଥାନାନ୍ତର କରାଯାଇଛି। କୌଣସି କାମ ନେଇ ତିନି ଜଣ ବାଇକ୍‌ରେ ଚିକାମ୍ବରୁ ଦଶମନ୍ତପୁର ଅଭିମୁଖେ ଯାଉଥିବା ବେଳେ ଘାଟି ରାସ୍ତାରେ ଭାରସାମ୍ୟ ହରାଇ, ଦୁର୍ଘଟଣାଗ୍ରସ୍ତ ହୋଇଥିଲେ।

# ବ୍ରହ୍ମାକୁମାରୀ ଗୀତା ପାଠଶାଳାରେ ନବରାତ୍ରି



ନବରାତ୍ର ଶୁଭାରମ୍ଭ ଅବସରରେ ଉପସ୍ଥିତ ବ୍ରହ୍ମାକୁମାରୀମାନେ।

ଚନ୍ଦାହାଣ୍ଡି , ୧୬।୧୦ (ଦିଲୀପ ଦାସ )

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପୂଜାରୀଗୁଡା ବ୍ରହ୍ମାକୁମାରିଜ ଗୀତା ପାଠଶାଳାଠାରେ ନବଦିବସୀୟ ଯୋଗଭଟି ନବରଙ୍ଗପୁର ଉପକ୍ଷେତ୍ର ରାଜଯୋଗିନୀ ବିକେ ନମିତା ଭଉଣୀଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଛି। ଆଗାମୀ ୨୩ ତାରିଖ ପର୍ଯ୍ୟନ୍ତ ଶୀତଳା ମାତା, ବୈଷ୍ଣବୀ, ଜଗଦମ୍ବା, ସରସ୍ୱତୀ, ଲକ୍ଷ୍ମୀ, ଦୁର୍ଗାଦେବୀଙ୍କ ସ୍ୱରୂପରେ ପୂଜା କରାଯିବ। ନଅ ଜଣ ବ୍ରହ୍ମାକୁମାରୀ ଭଉଣୀ ଦେବୀ ସ୍ୱରୂପାଙ୍କ ବିଶେଷ ଯୋଗ ତପସ୍ୟା କାର୍ଯ୍ୟକ୍ରମ ବ୍ରହ୍ମାକୁମାରୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି । କଳାହାଣ୍ଡି, ନୂଆପଡା, ନବରଙ୍ଗପୁର, କୋରାପୁଟ ଜିଲାର ବିଭିନ୍ନ ସେବା କେନ୍ଦ୍ରରୁ ମମତା, ପୁଷ୍ପା, ଜୟା, ସୁଶୀଳା, ବବି, କିରଣ, ଅଞ୍ଜୁ, ଉର୍ମିଳା, ସ୍ୱାତୀ, ଶୁଭ ସଂକଳ୍ପ ଉପସ୍ଥାପନା କରିଥିଲେ । ଝରିଗାଁ ସେବକେନ୍ଦ୍ରର ସନ୍ଧ୍ୟା ଭଉଣୀ ବାଣୀରେ ନବ ଦେବୀଙ୍କୁ ଆବାହନ କରିଥିଲେ। ଲକ୍ଷ୍ମୀ ଭଉଣୀ ଓ ଗିରୀଶ ଭାଇ ଶିବବାବାଙ୍କ ସଂଗୀତ ପରିବେଷଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଚନ୍ଦାହାଣ୍ଡି ସେବାକେନ୍ଦ୍ରର ସଂଚାଳିକା ମମତା ଭଉଣୀ ପରିଚାଳନା କରିଥିଲେ। ଚନ୍ଦାହାଣ୍ଡି ସେବକେନ୍ଦ୍ରର ବିକେ ସୁରେଶ ଭାଇ, ଦେବେନ୍ଦ୍ର ଭାଇ, ଦିଲୀପ ଭାଇ, ଅଭି ଭାଇ, ଦେବାନନ୍ଦ ଭାଇ, ଧନୁ ଭାଇ, ଶିବ ଭାଇ, ଜିତେନ୍ଦ୍ର ଭାଇ, ସହଦେ ଭାଇ, ଗୁଞ୍ଜୁ ଭାଇ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର,୧୬।୧୦ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ କେବିଡିଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଓ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏବିଡିଓ ମନୋଜ ନାୟକ, ଜିପିଓ ପ୍ରଶାନ୍ତ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶା, ସମିତି ସଭ୍ୟା, ଜିଆର୍‌ଏସ୍, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍ , ହର୍ଟିକଲଚର, କୃଷି ବିଭାଗ ସହ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଯୋଗଦେଇ ଅଧିକାରୀମାନଙ୍କୁ ସେମାନଙ୍କ ଅଭିଯୋଗ ଜଣାଇଥିଲେ। ସେମାନଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁଗ୍ରାମବାସୀ ଦାବିକରିଥିଲେ। ନୂତନ ରାସ୍ତା ନିର୍ମାଣ, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗଗୁଡିକ ଆସିଥିଲା। ଏହି ଅବସରରେ ଏଠାରେ ହୋଇଥିବା ସ୍ୱାସ୍ଥ୍ୟସେବା ଶିବିରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା।

# ସଦ୍‌ଭାବନା ବୈଠକ ଅନୁଷ୍ଠିତ

ଚନ୍ଦାହାଣ୍ଡି, ୧୬।୧୦(ଦିଲୀପ ଦାସ)

ପ୍ରାନ୍ତୀୟ ହିନ୍ଦୁ ସଂଗଠନର ନିଷ୍ପତ୍ତିକ୍ରମେ ଚନ୍ଦାହାଣ୍ଡି ବ୍ଲକ ସଦ୍‌ଭାବନା ସମିତି ତରଫରୁ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଅଞ୍ଚଳର ଜାତି ସମାଜ ମୁଖିଆ, ବୁଦ୍ଧିଜୀବୀ ଏବଂ ହିନ୍ଦୁ ସଂଗଠନକୁ ନେଇ ଏକ ସଦ୍‌ଭାବନା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିଥିମାନଙ୍କୁ ଦୁର୍ଗାବାହିନୀର ଭଉଣୀମାନେ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ। ବୈଠକର ପ୍ରାରମ୍ଭରେ ରାଷ୍ଟ୍ରୀୟ ସଂଘସେବକ ସଂଘ କୋରାପୁଟ ବିଭାଗ ପ୍ରଚାରକ ମହେଶ୍ୱର ଭତ୍ରା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚନ୍ଦାହାଣ୍ଡି ଖଣ୍ଡର ସଂଘ ଚାଳକ ଯତୀନ୍ଦ୍ର କୁମାର ନାୟକ, ଜିଲା ପ୍ରଚାରକ ହିରଣ୍ୟ ଗୌଡ଼, ସାହୁ ସମାଜ ମୁଖ୍ୟ ଝୁମୁକ ଲାଲ ସାହୁ, ଗଣ୍ଡ ସମାଜ ମୁଖ୍ୟ ନିତ୍ୟାନନ୍ଦ ମାଝି, ଗଣ୍ଡା ସମାଜ ମୁଖ୍ୟ ସନ୍ତୋଷ କୁମାର ଟାକ୍ରି, ଅଲେଖ ଭକ୍ତ ତୁଳାରାମ ଜଗତ ପ୍ରମୁଖ ଜାତି ସମାଜ ମୁଖ୍ୟ ଉପସ୍ଥିତ ରହି ଭାରତ ମାତାଙ୍କ ପୂଜାର୍ଚ୍ଚନା କରିଥିଲେ । ବିଭାଗ ପ୍ରଚାରକ ମହେଶ୍ୱର ଭାଇ ସନାତନ ଧର୍ମ ଓ ଆମ ଜାତି ପରମ୍ପରା ଚାଲିଚଳନ ପୂର୍ବରୁ କ'ଣ ଥିଲା ଓ ଏବେ କିପରି ଅଛି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସ୍ୱଦେଶ ଓ ନିଜ ସଂସ୍କୃତିକୁ ଭଲ ପାଇବା ସହିତ ଦେଶର ଏକତା ଓ ଅଖଣ୍ଡତାକୁ ବଜାଇ ରଖିବା ପାଇଁ ସମସ୍ତେ ମାର୍ଗ ଦର୍ଶନ କରିଥିଲେ । ଏହି ବୈଠକରେ ବ୍ରାହ୍ମଣ ସମାଜ ମୁଖ୍ୟ ଦୁତିବାହାନ ଖମାରୀ,ନୀଳକଣ୍ଠ ଦାଶ, ସହ ଗୌଡ଼ ସମାଜ, ସେଠି ସମାଜ,ମାଳି ସମାଜ, ଝରିୟା ଗୌଡ଼ ସମାଜର ପ୍ରତିନିଧି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ନକୁଳ ମନହିରା, ତୀରଣ କେଉଟ, ହୃଷିକେଶ ମାଝି, ନରସିଂହ ବାରିକ, ପ୍ରଭାତ ସୁନା, ଲୋକେଶ ସମରଥ, ଲଳିତ ପଟେଲ, ସୁବଳ ବାଘ,ସତ୍ୟବ୍ରତ ଭାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

ନବରଙ୍ଗପୁର ,୧୬।୧୦
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୋଲିସ ଓ ପ୍ରଶାସନ ପକ୍ଷରୁ ଅକ୍ଟୋବର ୨ରୁ ଆରମ୍ଭ ହୋଇଥିବା ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ୧୫ରେ ଉଦ୍‌ଯାପିତ ହୋଇଯାଇଛି । ବିଭିନ୍ନ ବିଦ୍ୟାଳୟ, କଲେଜ ଓ ନବରଙ୍ଗପୁର ସହର, ବିଭିନ୍ନ ଥାନ ଅଞ୍ଚଳରେ ସଚେତନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହ ବିଭିନ୍ନ ସଂଘ, ବରିଷ୍ଠ ନାଗରିକମାନଙ୍କୁ ମଧ୍ୟ ସଚେତନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନବରଙ୍ଗପୁର ଓ ଚନ୍ଦାହାଣ୍ଡି ବ୍ଲକ କଳା ସାଂସ୍କୃତିକ ସଂଘ ପକ୍ଷରୁ ୬ଟି ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଥିସହ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ନବରଙ୍ଗପୁର ମହାବିଦ୍ୟାଳୟ, ନୋଡାଲ ଆରସିଡି ହାଇସ୍କୁଲ, ଜିଲା ଶିକ୍ଷା ଅଧିକାରୀ, ବରିଷ୍ଠ ନାଗରିକ ସଂଘ, ବରିଷ୍ଠ ନାଗରିକ ସଂଘ, ଶିକ୍ଷକ ମନୋଜ ପଟ୍ଟନାୟକ, ଅଧ୍ୟାପକ ଦିଲୀପ ହୋତା, ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ଏସୟୁଜେ, ଓୟୁଜେ ଓଜେୟୁ ଏବଂ ୱାରକିଂ ଜରନାଲିଷ୍ଟ ୟୁନିୟନ, ନବରଙ୍ଗପୁର ଜିଲାର ସମସ୍ତ ଥାନା ଅଧିକାରୀଙ୍କ ସମେତ ୫୦ ଜଣଙ୍କୁ ପ୍ରଚାର ପ୍ରସାରରେ ସହଯୋଗ ପାଇଁ ଏସ୍‌ପି ଏସ.ସୁଶ୍ରୀ ଓ ଜିଲାପାଳ କମଳ ଲୋଚନ ମିଶ୍ର ସ୍ମୃତି ଫଳକ ପ୍ରଦାନ କରିଥିଲେ । ଏହି ଅବସରରେ ଏସ୍‌ପି ଓ ଜିଲାପାଳ ସାରିବାର ଅପରାଧରୁ ବର୍ତ୍ତିବା ପାଇଁ ସଚେତନତା ହିଁ ଏକମାତ୍ର ମାଧ୍ୟମ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ ଓ ବଟକୃଷ୍ଣ ମିଶ୍ର, ଉମରକୋଟ ଏସ୍‌ଡିପିଓ ମଧୁସିକ୍ତା ମିଶ୍ର, ନବରଙ୍ଗପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଜନସାଧାରଣ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।




ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ସାଂସ୍କୃତିକ ଦଳର କଳାକାରମାନେ

# ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ବିଜେଡିର ଶକ୍ତି ପ୍ରଦର୍ଶନ

ଝରିଗାଁ,୧୬।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ଝରିଗାଁ ବ୍ଲକ ବିଜେଡି ପକ୍ଷରୁ ସୋମବାର ଏକ ବିରାଟ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ କରି ନିଜର ଶକ୍ତି ପ୍ରଦର୍ଶନ କରିଛି। ବ୍ଲକ ବିଜେଡି ସଭାପତି ଟିକଚାନ୍ଦ ମାଝିଙ୍କ ଆବାହକତ୍ୱରେ ଡଙ୍ଗରିଗୁଡା ପଞ୍ଚାୟତର ବଡଗୁଡା ଗ୍ରାମଠାରୁ ଆରମ୍ଭ ହୋଇ ହଳଦୀଗୁଡା ଗ୍ରାମକୁ ପହଞ୍ଚିଥିଲା। ଶତାଧିକ ବିଜୁପ୍ରେମୀ ଏକାଠି ହୋଇ ଘରେ ଘରେ ବୁଲି ସରକାରଙ୍କ ଜନହିତକର ଯୋଜନା ବିଷୟରେ ବୁଝାଇବା ପରେ ହଳଦୀଗୁଡା ଗ୍ରାମ ପଡ଼ିଆଠାରେ ଏକ ସଚେତନତା ସଭା ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବର୍ଗର ଲୋକଙ୍କ ପାଇଁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରି ନିଜକୁ ରାଜ୍ୟ ରାଜନୀତିରେ ଅପରାଜେୟ ନେତା ଭାବେ ପ୍ରମାଣିତ କରିବା ସହିତ ଲଗାତର ୫ ଥର ମୁଖ୍ୟମନ୍ତ୍ରୀ ହେବାର ବିରଳ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଆଗକୁ ଆପଣଙ୍କ ଆଶୀର୍ବାଦ ଭଲପାଇବା ଓ ସମର୍ଥନ ଜାରି ରହୁ ବୋଲି ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସଂଯୋଜକ ପ୍ରମୋଦ ପାଢ଼ୀ, ଏମ୍‌ପି ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଉମରକୋଟ ପୌରାଧ୍ୟକ୍ଷ ସୁଧାଂଶୁ ଦାସ, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ଶ୍ୟାମ ସୁନ୍ଦର ନାୟକ, ବିଧାୟକ ପ୍ରତିନିଧି ରାମଧର ମାଝି,ସରପଞ୍ଚ ମୋହନ ନାୟକ, ଜଗଦୀଶ ମାଝି, ବାସନ୍ତୀ ନାୟକ, ଭଗତ ମାଝି, ମହେନ୍ଦ୍ର ପୂଜାରୀ, ଲ୍ୟାମ୍ପ ସଭାପତି ଲଛମା ଗଣ୍ଡ, ଚମ୍ପାଲାଲ ପନକା,ସନ୍ତୋଷ ବିଷୋୟୀ, ହେମନ୍ତ ପଲେଇ, ମାଧବ ଭତ୍ରା, ସୁଦର ମାଝୀ, ମଦନ ଭତ୍ରା, ମହାଦେବ ଭତ୍ରା, ଦେବୀ ସିଂ ମାଝୀ, ନରହରି ଦୁର୍ଗା, ବଂଶୀ ପନକା, ସନସିଂ ମାଝୀ, ଭଗତ ଭତ୍ରା, ପୀତାମ୍ବର ମାଝୀ, ଅରୁଣ ନାୟକ, ଦମନା ଭତ୍ରା ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।



ଜନସମ୍ପର୍କ ପଦଯାତ୍ରା ସମୟରେ ଅତିଥିମାନଙ୍କୁ ଗ୍ରାମବାସୀ ସ୍ୱାଗତ ଜଣାଉଛନ୍ତି।

**ସଂକ୍ଷେପରେ**

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ମାଲକାନଗିରି,୧୬ା୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାର ବ୍ଲକ କଲୋନୀରେ ରହୁଥିବା ଧର୍ମପରାୟଣ ବ୍ୟକ୍ତି ଲକ୍ଷ୍ମୀଧର ନାଗଙ୍କର ସୋମବାର ମୃତ୍ୟୁ ହୋଇଛି। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିବାରୁ ତାଙ୍କର ଦେହାନ୍ତ ଖବରରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଲକ୍ଷ୍ମୀଧର ପୂର୍ବରୁ ଟିଡିସିସିରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ସେ ଅବସର ନେବାପରେ ଧାର୍ମିକ କାର୍ଯ୍ୟ ଓ ସମାଜସେବାରେ ନିୟୋଜିତ ରହୁଥିଲେ। ତାଙ୍କର ୨ ପୁତ୍ର ଓ ୩ କନ୍ୟା ସନ୍ତାନ ଥିବା ବେଳେ କିଛି ବର୍ଷ ପୂର୍ବେ ତାଙ୍କ ସ୍ତ୍ରୀଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ବଡ ପୁଅ ଜଣେ ଖ୍ୟାତନାମା ଖବରଦାତା ।

## ଦିପୁ ହତ୍ୟା ମାମଲାରେ ଜଣେ ଗିରଫ

କୋଦଳା,୧୬ା୧୦(ଅମିତ କୁମାର ପଟ୍ଟନାୟକ)

ଗତ ୩ତାରିଖରେ କୋଦଳା ଥାନା ଅନ୍ତର୍ଗତ ବେରୁଆଁବାଡ଼ି -ସାତନଳ ରାସ୍ତାରେ ନୁଦୁବୁଦି ନିକଟରେ କେ ଖରିଡ଼ା ଗ୍ରାମର ଦିପୁ ପାତ୍ରଙ୍କୁ ଅପହରଣ ଏବଂ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ସହଯୋଗ କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ କବିସୂର୍ଯ୍ୟନଗରର ରାକେଶ ନାୟକ ଓରଫ ବବୁଲ। ସେ କୋଦଳା ମାମୁ ଘରେ ଥିବାର ଖବର ପାଇ କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁ ସଦଳବଳେ ଚଢ଼ାଉ କରି ଧରିଥିଲେ। ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଲୁହା ଖଣତି, ଗୋଟିଏ ଶାବଳ, ଖଣ୍ଡା ଜବତ କରିବା ସହ କୋଦଳା ଥାନା ହତ୍ୟା ମାମଲାରେ କୋର୍ଟଚାଲାଣ କରିଛି। ପୂର୍ବରୁ ଏହି ମାମଲାରେ ପୋଲିସ ୬ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ନାବାଳକଙ୍କୁ ସୁଧାର ଗୃହ ପଠାଇଥିଲା।

## ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଜଣେ କୋର୍ଟଚାଲାଣ

ଗୋପାଳପୁର,୧୬ା୧୦(ନବୀନ ରାଜ ଆଚାରୀ)

ରକ୍ତଦାନ ଶିବିରରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଆମ୍ବପୁଆ ଗ୍ରାମ ପ୍ରଶାନ୍ତ କୁମାର ସେଠି (୩୧)। ଏହି ଥାନା ଅଧିନସ୍ଥ ଆମ୍ବପୁଆଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ଚାଲିଥିବା ବେଳେ ସୁଧାକାର ନାୟକ ଥିଲେ। ଉକ୍ତ ଅଞ୍ଚଳର ପ୍ରଶାନ୍ତ ସେଠି ସମେତ ଚାରି ଜଣ ମିଶି କୌଣସି କଥାକୁ ନେଇ ସୁଧାକରଙ୍କ ସହିତ ଯୁକ୍ତିତର୍କ ହୋଇଥିଲା। ପରେ ଏହା ଉଗ୍ରରୁପ ହୋଇ ଚାରି ଜଣ ମିଶି ସୁଧାକରଙ୍କୁ ଅରକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଲୋକ ସୁଧାକରଙ୍କୁ ଉଦ୍ଧାର କରିଥିଲେ। ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୦୬/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ହାତୀଓଟ ନୋଡାଲ ହାଇସ୍କୁଲରେ ସୁନେତ୍ର କାର୍ଯ୍ୟକ୍ରମ

ପୋଲସରା,୧୬ା୧୦(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ହାତୀଓଟ ନୋଡାଲ ହାଇସ୍କୁଲ୍‌ଠାରେ ଛାତ୍ରୀଛାତ୍ରଙ୍କ କଳମ୍ବ ଓ ହାତୀଓଟ କ୍ଲଷ୍ଟରକୁ ନେଇ ଅନୁଷ୍ଠିତ ହୋଇଥିଲା। ଉଭୟ କ୍ଲଷ୍ଟରରୁ ୩୧୬ ଜଣ ଛାତ୍ରୀଛାତ୍ର ଭାଗ ନେଇ ଚକ୍ଷୁ ପରୀକ୍ଷା କରାଇଥିଲେ। ସେଥିରୁ ୯୮ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୧୭ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ଚକ୍ଷୁ ବିଶେଷଜ୍ଞ ଡ଼ .ଏସ୍ ସୀତାରାମ, ଏ ଏନ୍ ଆଚାରୀ, ଭବାନୀ ଶଙ୍କର ପାତ୍ର, ସୁଧାଂଶୁ ପାଳ ଓ ଶ୍ରୁତି ସାହୁ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ପୋଲସରା ବ୍ଲକ ଶିକ୍ଷା ଅଧିକାରୀ ପିଣ୍ଟୁ କୁମାର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ଏଥିରେ ବ୍ଲକର ଆଇ ଭଲ୍ୟଉଣ୍ଟର୍‌ମାନେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଉମା ଶଙ୍କର ଦାସଙ୍କ ସହିତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ବାଲ୍ୟ ବିବାହ, ଶିଶୁ ଶ୍ରମିକ ପ୍ରଥା ଉପରେ ରୋକ୍ ପାଇଁ ସଚେତନତା



ବାଲ୍ୟ ବିବାହ ରୋକିବା ଦିଗରେ ଶପଥ ପାଠ କାର୍ଯ୍ୟକ୍ରମରେ ଭାଗ ନେଇଥିବା ମହିଳା ଓ ପିଲାମାନେ ।

ମାଲକାନଗିରି,୧୬ା୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ବାଲ୍ୟ ବିବାହ ସହ ଶିଶୁ ଶ୍ରମିକ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଚେତନତା ମୂଳକ ପଦକ୍ଷେପ ନିଆଯାଉଥିବା ବେଳେ ସୋମବାର ଜିଲାର ତୁମୁସାପଲ୍ଲି ପଞ୍ଚାୟତରେ ବାଲ୍ୟ ବିବାହ ଉପରେ ରୋକ ଲଗାଇବା ପାଇଁ କୈଳାସ ସତ୍ୟାର୍ଥୀ ଚାଇଲ୍ଡ ଫାଉଣ୍ଡେଶନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଥିଲା। ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ କୈଳାସ ସତ୍ୟାର୍ଥୀ ଚାଇଲ୍ଡ ଫାଉଣ୍ଡେଶନର ସୁକାନ୍ତି ବିଶ୍ୱାଳ, ସୌମ୍ୟ ରଞ୍ଜନ ସ୍ୱାଇଁ, ସ୍ଥାନୀୟ ଆଶା, ଅଙ୍ଗନୱାଡ଼ି କର୍ମୀଙ୍କ ସହ ଗ୍ରାମବାସୀ ଏବଂ ଯୁବତୀ ଯୁବକମାନେ ଉପସ୍ଥିତ ଥିଲେ। ଏଥିରେ ବାଲ୍ୟ ବିବାହର କୁପରିଣାମ, ଶିଶୁ ଶ୍ରମିକ ପ୍ରଥା ବନ୍ଦ ଆଦି ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ବିଶେଷ କରି ବାଲ୍ୟ ବିବାହ ଯୋଗୁ ଦେଖା ଯାଉଥିବା ଅନେକ ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯାଇ ଏହାକୁ କିପରି ସମ୍ପୂର୍ଣ୍ଣ ରୋକ ଲଗାଯାଇ ପାରିବ ସେନେଇ ସମସ୍ତଙ୍କୁ ଅବଗତ କରଯାଇଥିଲା। ଏହା ବ୍ୟତୀତ ଯଦି କେଉଁଠାରେ ବାଲ୍ୟ ବିବାହ ହେଉଥିବା ଦୃଷ୍ଟିକୁ ଆସିଲା ତୁରନ୍ତ ଏନେଇ ଜିଲା ପ୍ରଶାସନ, ପୋଲିସ କିମ୍ବା ଚାଇଲ୍ଡ ଫାଉଣ୍ଡେଶନକୁ ଜଣାଇବାକୁ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏହାପରେ ଅଞ୍ଚଳବାସୀଙ୍କୁ ନେଇ ବାଲ୍ୟ ବିବାହ ରୋକିବା ଦିଗରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିଲା ଜିଲା ବିଜେଡି

ମାଲକାନଗିରି,୧୬ା୧୦(ଦୁର୍ଯ୍ୟୋଧନ ପାତ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ ତମ ଜନ୍ମ ଦିବସ ମାଲକାନଗିରି ଜିଲା ବିଜେଡି ପକ୍ଷରୁ ଡିଏନ୍‌କେ ଖେଳ ପଡିଆରେ ସଭାପତି ମାନସ ମାଡକାମୀଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଦଳୀୟ କର୍ମୀମାନେ ଉପସ୍ଥିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳନ କରିଥିଲେ। ଯଦିଓ ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ନିଜର ଜନ୍ମଦିନ ପାଳନ କରୁ ନାହାନ୍ତି, ଏହାକୁ ଦୃଷ୍ଟିରେ ରଖି ଅତି ସାଧାରଣ ଭାବେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳନ କରଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜୁ ଜନତାଦଳ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ, ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲା ଯୁବ ସଭାପତି ଆଡମା ରାବା, ବରିଷ୍ଠ ନେତା ବୁନା ରାଓ, ଛାତ୍ର ସଭାପତି ତାପସ ନାୟକ, ଆଇନ ସାମ୍ମୁଖ୍ୟ ସଭାପତି ଗୋପାଳ ପଣ୍ଡା, ପୌର ପରିଷଦ ସଭାପତି ପି. ସାଇ, ସତ୍ୟ ପାଣିଗ୍ରାହୀଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରିଥିଲେ ।



ଦଳୀୟ କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନ ପାଳନ କରୁଛନ୍ତି ।

## ଘରୋଇ ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା

ବୁଗୁଡା,୧୬ା୧୦(କାଳୀଚରଣ ଦାଶ)

ବୁଗୁଡ଼ା ଘରୋଇ ବସ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ବଙ୍କେଶ୍ୱରୀ ମନ୍ଦିରଠାରେ ଅନୁଷ୍ଠିତ ନିର୍ବାଚନରେ ନୂତନ ସଭାପତି ଭାବେ ଭି. ରାଜେନ୍ଦ୍ର ରାଓ ଦୋରା, ଉପସଭାପତି ଭାବେ ସରୋଜ କୁମାର ସାହୁ, ସମ୍ପାଦକ ଭାବେ ଦୀପକ କୁମାର ଦାଶ, ସହ ସମ୍ପାଦକ ଭାବେ ହୃଷିକେଶ ପାଣି ଓ କୋଷାଧ୍ୟକ୍ଷ ଭାବେ ଯଶ କେତନ ପୃଷ୍ଟି, ଷ୍ଟାଣ୍ଡ ସମ୍ପାଦକ ଭାବେ ସୂର୍ଯ୍ୟ ଗୌଡ଼, ଉପଦେଷ୍ଟା ଭାବେ ନୀଳାଞ୍ଚଳ ପଣ୍ଡା, ସନ୍ତୋଷ କୁମାର ପାତ୍ର, ପ୍ରମୋଦ କୁମାର ମହାପାତ୍ର, ବଳରାମ ପାଣିଗ୍ରାହୀ ମନୋନୀତ ହୋଇଥିଲେ। ବୈଠକରେ କୋରା ମଣି ରାଉଳ, ରାଜେନ୍ଦ୍ର କୁମାର ପଲେଇ, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଜଗଦୀଶ ଆଚାରୀ, ସୀମାଞ୍ଚଳ ଜେନା, ବଚନ ପଲେଇ ପ୍ରମୁଖ ବସ ମାଲିକ ଉପସ୍ଥିତ ଥିଲେ।

# ଲୋକଙ୍କ ଅଭିଯୋଗ ଶୁଣିଲା ପ୍ରଶାସନ

ମାଲକାନଗିରି,୧୬ା୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଥିଲିରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମାଥିଲି ବ୍ଲକରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଥିବା ବେଳେ ଏଥିରେ ଉପ ଜିଲାପାଳ ଡ. ଅକ୍ଷୟ କୁମାର ଖେମୁଣ୍ଡୁ ଓ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ମାଥିଲି ବ୍ଲକ ଅଞ୍ଚଳର ବିଭିନ୍ନ ସାମୂହିକ ସମସ୍ୟା ଉପରେ ଲୋକେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ମାଥିଲି ବ୍ଲକର ସାମୂହିକ ଓ ବ୍ୟକ୍ତିଗତ ଭାବେ ଅଭିଯୋଗ ଶୁଣାଣି କରିଥିଲେ। ସେହିପରି ସାମୂହିକ ଅଭିଯୋଗ ମଧ୍ୟରେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଭିନ୍ନ ଉନ୍ନୟନମୂଳକ କାମ ଉପରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିବା ବେଳେ ଏହାର ଶୁଣାଣି କରାଯାଇଥିଲା। ତେବେ ବିଭିନ୍ନ ଅଞ୍ଚଳରେ ଥିବା ସମସ୍ୟାକୁ ନେଇ ଆସିଥିବା ଅଭିଯୋଗଗୁଡିକ ପ୍ରତି ଯଥାଶୀଘ୍ର ପଦକ୍ଷେପ ନିଆଯିବ। ତୁରନ୍ତ ସମାଧାନ କରିବାକୁ ସ୍ଥାନୀୟ ଅଧିକାରୀଙ୍କୁ ଉପଜିଲାପାଳ ଖେମୁଣ୍ଡୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲା ମଙ୍ଗଳ ଅଧିକାରୀ ପ୍ରଶାନ୍ତ ଭୁଜବଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲାର ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସମେତ ମାଥିଲି ବିଡିଓ ହୃଷୀକେଶ ଗଣ୍ଡ ଓ ଅତିରିକ୍ତ ବିଡିଓ ସରୋଜ କୁମାର ପ୍ରଧାନଙ୍କ ସମେତ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।

# ୪୦ଘଣ୍ଟା ପରେ ଝୁଲନ୍ତା ମୃତଦେହ ଜବତ



ଗ୍ରାମରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ।

କାଲିମେଳା,୧୬ା୧୦(ଜୀବନ କୃଷ୍ଣ ଦାସ)

**ମହିଳାଙ୍କ ଆତ୍ମହତ୍ୟା ଘଟଣା**

ମାଲକାନଗିରି ଜିଲା କାଲିମେଳା ବ୍ଲକ ଗମ୍ପାକୁଣ୍ଡା ପଞ୍ଚାୟତରେ ଥିବା ବାପ ଘର ଗ୍ରାମରେ ଜଣେ ବିବାହିତା ମହିଳା ଗତ ଶନିବାର ସନ୍ଧ୍ୟାରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଘଟଣାର ୪୦ ଘଣ୍ଟା ପରେ ଗାଁ ବାସନ୍ତୀ ପୂଜା ମଣ୍ଡପ ପଛପଟେ ଥିବା ଆମ୍ବ ଗଛରେ ମୃତଦେହ ଝୁଲି ରହିଥିଲା। ଭବାନୀପାଟଣାରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଉକ୍ତ ମହିଳା ପ୍ରାୟ ୨ ବର୍ଷ ତଳେ ମାଲକାନଗିରି ଥାନା ଏମ୍‌ଭି ୧୩ ଗ୍ରାମରେ ବିବାହ କରିଥିଲେ । ବିବାହ ପରଠାରୁ କିଛିମାସ ପରେ ଶାଶୁଘର ସହ ଭଲ ସମ୍ପର୍କ ନ ଥିଲା । ସେ ଏଚ୍‌ଆଇଭି ଆକ୍ରାନ୍ତ ଥିବା ଶାଶୁଘର ଲୋକେ ଜାଣି ଏକଘରକିଆ କରି ରଖିଥିଲେ । ପ୍ରାୟ ଦେଢ଼ ବର୍ଷ ତଳେ ନିଜ ବାପ ଘରକୁ ପଳାଇ ଆସିଥିଲେ। ତାଙ୍କ ସ୍ୱାମୀ ବାହାର ରାଜ୍ୟରେ କାମ କରୁଥିବା ଜଣାପଡ଼ିଛି। ତେବେ ଶନିବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ବାସନ୍ତୀ ପୂଜାମଣ୍ଡପ ପଛପଟେ ପୋଖରୀ ହୁଡ଼ା ଆମ୍ବଗଛରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ।

ଏ ନେଇ କାଲିମେଳା ଥାନା ଅଧିକାରୀ ସତ୍ୟ କୁମାର ନନ୍ଦ କୋରାପୁଟସ୍ଥିତ ସାଇଣ୍ଟିଫିକ ଟିମ୍ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ହେଁ ସେମାନେ ଅନ୍ୟ ଏକ କେସ୍‌ରେ ବ୍ୟସ୍ତ ଥିବାରୁ ଥାନା ଅଧିକାରୀ ରାୟଗଡା ପରେ ଭବାନୀପାଟଣାରୁ ୩ ଦିନ ପରେ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିଛନ୍ତି।

# ରୋଗୀ ନେଲାନି ଆମ୍ବୁଲାନ୍ସ: ଶୋଇ ରହିଲେ ଗୁରୁତର

ବାଲିମେଳା,୧୬ା୧୦(ଶିବଦତ୍ତ ସାହୁ)

ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଗତ ଶନିବାର ରାତିରେ ୧୦୮ ଆମ୍ବୁଲାନ୍ସ ନମ୍ବର-ଓ ୦୨-ବିଜେ-୯୬୭୮ ଯୋଗେ ଜଣେ ଅଜଣା ଗୁରୁତର ରୋଗୀଙ୍କୁ ଚିକିତ୍ସା ନିମନ୍ତେ ଅଣାଯାଇଥିଲା। ସେଠାରେ ଡାକ୍ତର ତାପସ କୁମାର ପଣ୍ଡା ଓ ଅନ୍ୟ କର୍ମଚାରୀମାନେ ରୋଗୀଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରୁ ମାଲକାନଗିରି ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ୧୦୮ ଆମ୍ବୁଲାନ୍ସରେ ଥିବା କର୍ମଚାରୀଙ୍କୁ ରେଫର ଅର୍ଡର ଦିଆଯିବା ସହ ଶୀଘ୍ର ନେବାକୁ କହିଥିଲେ। କିନ୍ତୁ ଆମ୍ବୁଲାନ୍ସ କର୍ମଚାରୀ ମାଲକାନଗିରି ଜଲା ମେଡିକାଲକୁ ନେବାକୁ ଡାକ୍ତରଙ୍କୁ ମନା କରି ଦେଇଥିଲେ। ଆମେ ଏହି ରୋଗୀଙ୍କୁ ବାଲିମେଳା ମେଡିକାଲରେ ଛାଡି ଚିତ୍ରକୋଣ୍ଡା ପଳାଇଯିବୁ ବୋଲି କହିଥିଲେ। ଏ ନେଇ କିଛି ସମୟ ଧରି ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଓ ୧୦୮ କର୍ମଚାରୀଙ୍କ ମଧ୍ୟରେ ବଚସା ହେବା ପରେ ଭୁବନେଶ୍ୱରସ୍ଥିତ ୧୦୮ ମୁଖ୍ୟ କାର୍ଯ୍ୟାଳୟକୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେଠାରୁ ମଧ୍ୟ ସମାନ ଉତ୍ତର ମିଳିଥିଲା।




ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ କର୍ମଚାରୀମାନେ କହିଥିଲେ, ବାଲିମେଳାରେ ଥିବା ଆମ୍ବୁଲାନ୍ସ କୌଣସି ଏକ ରୋଗୀଙ୍କୁ ଆଣିବା ପାଇଁ ଯାଇଛି। ତେଣୁ ଏହି ଆମ୍ବୁଲାନ୍ସରେ ମାଲକାନଗିରି ନେବାକୁ ବହୁବାର ଅନୁରୋଧ କରିବା ପରେ ମଧ ୧୦୮ କର୍ମଚାରୀ ମନା କରି ଦେଇଥିଲେ। କିଛି ସମୟ ଏଭଳି ଚାଲିବା ପରେ ସ୍ଥାନୀୟ ଲୋକେ ଓ ଗଣମାଧ୍ୟମ ପ୍ରତିନିଧିମାନେ ସେଠାରେ ପହଞ୍ଚି ୧୦୮ କର୍ମଚାରୀଙ୍କୁ ରୋଗୀଙ୍କୁ ତୁରନ୍ତ ମାଲକାନଗିରି ନେବାକୁ କହିବା ପରେ ଗାଡି ଚାଳକ ରାଜି ହୋଇଥିଲେ।

ଏ ସମ୍ପର୍କରେ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତାପସ କୁମାର ପଣ୍ଡାଙ୍କୁ ପଚାରିବାରୁ ଗୁରୁତର ଅବସ୍ଥାରେ ଥିବା ଜଣେ ଅଜଣା ରୋଗୀଙ୍କୁ ସେହି ସ୍ଆମ୍ବୁଲାନ୍ସ ବାଲିମେଳା ମେଡିକାଲକୁ ଆଣିଥିଲା। ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସେହି ଆମ୍ବୁଲାନ୍ସରେ ମାଲକାନଗିରି ମେଡିକାଲକୁ ନେବାକୁ କୁହାଯାଇଥିଲା। ହେଲେ ଆମ୍ବୁଲାନ୍ସ କର୍ମଚାରୀ ଯିବାକୁ ମନା କରିଥିଲେ। ବହୁ ବୁଝାଶୁଝା ପରେ ସେ ଯାଇଥିବା କହିଛନ୍ତି।

# ବାଇପାସ୍ ଏନ୍‌ଏଚ ରାସ୍ତାକୁ ଗ୍ରାମବାସୀଙ୍କ ବିରୋଧ

ଖଜୁରୀପଡ଼ା,୧୬ା୧୦ (ବିଦୁର ବେହେରା)

ବାଇପାସ୍ ଏନ୍‌ଏଚ୍ ରାସ୍ତାକୁ ତିଳକପଡା ଗ୍ରାମବାସି ତରଫରୁ ବିରୋଧ କରାଯାଉଛି। ଟିଟ୍ରାପଙ୍ଗା ସରପଞ୍ଚଙ୍କ କହିବା ଅନୁଯାୟୀ ଖଜୁରିପଡ଼ା ତହସିଲ ଅନ୍ତର୍ଭୁକ୍ତ ତିଳକପଡା ଗ୍ରାମ ଦେଇ ଏକ ବାଇପାସ୍ ଏନ୍‌ଏଚ ରାସ୍ତା ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ରାସ୍ତା ଯାଉଥିବା ଜାଗାଗୁଡ଼ିକ ମଧ୍ୟରେ ବସ୍ତି ଘର ଦୁଆର ରହିଛି। ତେଣୁ ଘର ଦୁଆର ଭାଙ୍ଗି ଦେଲେ ଲୋକେ ନାହିଁ ନ ଥିବା ହଇରାଣ ହେବେ। ତେଣୁ ପୂର୍ବ ପୁରୁଷ ଦଖଲ କରି ଘର ଦୁଆର ନିର୍ମାଣ ହୋଇଥିବା ବସ୍ତି ଦେଇ ରାସ୍ତା ନ ନେବାକୁ ସରକାରଙ୍କୁ ଅନୁରୋଧ କରାଯାଉଛି। କିନ୍ତୁ ପ୍ରଶାସନ ଅଧିକାରୀମାନେ ଆସି ରାସ୍ତା ନିର୍ମାଣ କରିବା ପାଇଁ ଜାଗା ଚିହ୍ନଟ କରୁଛନ୍ତି ଏବଂ ବସ୍ତି ଉଠିବାକୁ କହୁଛନ୍ତି। ତେଣୁ ଗ୍ରାମବାସି ତରଫରୁ ଏହାକୁ ବିରୋଧ କରାଯାଉଛି। ତେଣୁ ସୋମବାର ଏକ ଆପୋଷ ବୁଝାମଣା ପାଇଁ ପ୍ରଶାସନିକ ଅଧିକାରୀ ତହସିଲଦାର ଭିକାରୀ ସାହୁ, ଏସଡିପିଓ ସୁପ୍ରସ୍ନ ମଲ୍ଲିକ, ଥାନା ଅଧିକାରୀ ଗେଲି କୁମାରୀ ସାହୁ, ଗୁଦାରି ରାଜସ୍ୱ ନିରୀକ୍ଷକ ଅଧିକାରୀ ସ୍ୱପ୍ନା ସାହୁ ସମେତ ପୋଲିସ ବାହିନୀ ଏବଂ ଗ୍ରାମବାସୀ ମଧ୍ୟରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। କିନ୍ତୁ ବୈଠକରେ କୌଣସି ସମାଧାନ ହୋଇ ନ ଥିବାରୁ ଗ୍ରାମବାସୀ ତରଫରୁ ଆଇନର ଆଶ୍ରୟ ନେବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସରପଞ୍ଚ ସଞ୍ଜୀବ ଲୋଚନ ପ୍ରଧାନ ସୂଚନା ଦେଇଛନ୍ତି।



ଅଧିକାରୀ ଓ ଗ୍ରାମବାସୀଙ୍କ ମିଳିତ ବୈଠକ।

# ୧୭୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି, ୧୬ା୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଥାନା ପୋଲିସ ଦ୍ୱାରା ୧୭୫କେଜି ଗଞ୍ଜେଇ ଜବତ ହେବା ସହ ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ କାଲିମେଳା ଥାନା ଅନ୍ତର୍ଗତ ଏମ୍‌ଭି ୭୭ ଗ୍ରାମର ବିଜୟ ଢାଲି। ରବିବାର ରାତିରେ ମାଲକାନଗିରି ଥାନା ଏସ୍‌ଆଇ ଅମିତ କୁମାର ଢାଲ, ଆଶିଷ ଭଦ୍ରା, ଅଭିମନ୍ୟୁ କପେ ଓ ମହେନ୍ଦ୍ର ଖିଲ ରାତ୍ରିକାଳିନ ଗାଡି ଯାଞ୍ଚ କରୁଥିବା ସମୟରେ କାଲିମେଳା ପଟୁ ମାଲକାନଗିରି ଆଡକୁ ଗୋଟିଏ କାର ଦ୍ରୁତ ଗତିରେ ଆସୁଥିବା ସମୟରେ ଉକ୍ତ କାରକୁ ଅଟକାଇ ଯାଞ୍ଚ କରିବାରୁ ଏଥିରେ ଗଞ୍ଜେଇ ଥିବା ଜାଣି କାର ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମାଲକାନଗିରି ଥାନା ପକ୍ଷରୁ ଜଣାପଡିଛି ।



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ।

# ବିଶ୍ୱ ଖାଦ୍ୟ ଦିବସରେ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୧୬ା୧୦(ଦୁର୍ଯ୍ୟୋଧନ ପାତ୍ର)

ବହୁବର୍ଷ ପୂର୍ବରୁ ଜନସଂଖ୍ୟା କମ୍ ଥିବାରୁ ଚାଷୀମାନେ ନିଜ ନିଜ ଜମିରେ ପାରମ୍ପରିକ ପ୍ରଣାଳୀରେ ଚାଷ କରି ବିଭିନ୍ନ ଶସ୍ୟ ଉତ୍ପାଦନ କରୁଥିଲେ। ସେ ସମୟରେ ଚାଷୀମାନେ ରସାୟନିକ ସାର କିମ୍ବା କୀଟନାଶକ ପ୍ରୟୋଗ ନ କରି ଜୈବିକ ଖତ ବ୍ୟବହାର କରୁଥିଲେ। ଫଳରେ ପୁଷ୍ଟିକର ସ୍ୱାଦିଷ୍ଟ ଖାଦ୍ୟ ଉତ୍ପାଦନ କରୁଥିଲେ। ଜନସଂଖ୍ୟା ବୃଦ୍ଧିକୁ ଦେଖି ଜାପାନୀ ପ୍ରଣାଳୀ ଚାଷ ସହ ହାଇବ୍ରିଡ୍ ବିହନ ବ୍ୟବହାର କରିବା ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇଛି ସତ, କିନ୍ତୁ ଉକ୍ତ ଉତ୍ପାଦନର ଖାଦ୍ୟ ଶସ୍ୟ ଗୁଣାତ୍ମକ ହ୍ରାସ ପାଇବା ସହ ରସାୟନିକ ସାର ବ୍ୟବହାର ଦ୍ୱାରା ଅନେକ ରୋଗ ଦେଖିବାକୁ ମିଳୁଛି। କିପରି ପାରମ୍ପରିକ ବିହନ ସଂଗ୍ରହ, ଉନ୍ନତ ଧରଣର ଚାଷ ସୁଷମ ଖାଦ୍ୟ ଶସ୍ୟ ଉତ୍ପାଦନ, ରାନ୍ଧିବା ପ୍ରଣାଳୀ, ଶିଶୁ, ଯୁବକ, ଗର୍ଭବତୀ ଓ ବରିଷ୍ଠ ନାଗରିକମାନେ କେଉଁ କେଉଁ ଖାଦ୍ୟ ସମୟ ଉପଯୋଗୀ ଖାଇଲେ ସେମାନେ ନୀରୋଗ ରହିବା ସହ ପୁଷ୍ଟିକର ଖାଦ୍ୟ ବ୍ୟବହାର ପାଇଁ ରୁଚି ବୃଦ୍ଧି ପାଇବ ସେ ସମ୍ବନ୍ଧରେ ସୋମବାର ମାଲକାନଗିରି ବ୍ଲକ ପେଦାୱାଡାରେ କୃଷି ବୈଜ୍ଞାନିକ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ. ସିଦ୍ଧାର୍ଥ କର, ମତ୍ସ୍ୟ ବୈଜ୍ଞାନିକ ଅତିମ ମହେନ୍ଦ୍ର ମାନେ, କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ର ପରିଚାଳକ ତନ୍ମୟ କୁମାର ବେହେରା ଅଂଶଗ୍ରହଣ କରି ବିଶ୍ୱ ଖାଦ୍ୟ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଗ୍ରାମାଞ୍ଚଳର ଅନୁସୂଚିତ ଜାତି ଜନଜାତି ଚାଷୀମାନଙ୍କୁ ସଚେତନ କରିଥିଲେ। ଏଥିସହ ରବି, ଖରିଫ, ଫଳ, ପନିପରିବା, ମତ୍ସ୍ୟ ଓ କୁକୁଡା ଇତ୍ୟାଦି ଚାଷ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ। ପରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ସଜନା ଓ ଅମୃତଭଣ୍ଡା ଇତ୍ୟାଦି ଚାରା ବଣ୍ଟନ କରାଯାଇଥିଲା।




ସଚେତନତା କାର୍ଯ୍ୟକ୍ରମରେ ଲୋକଙ୍କୁ ଚାରା ବଣ୍ଟନ କରାଯାଉଛି ।

